Odia Spiritual Books #1005_13

# ଭାଗବତ

## bhAgabata - 13

www.odia.org

ଭାଗବତ

*Odia Spiritual Books* ***#1005_1****3*

***Version:- 1.0_010108***

*Publisher:- www.odia.org*

*Price:- Priceless*

*Not for any business use*

ଅତିବଡ଼ ସ୍ୱାମୀ ଜଗନ୍ନାଥ ଦାସଙ୍କ ବିରଚିତ

# ଶ୍ରୀମଭାଗବତ

## ତ୍ରୟୋଦଶ ସ୍କନ୍ଧ

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦୀରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ॥

***

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତ ଦ୍ରବ୍ୟସଂଯୁତଂ ।
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବିଭାବୁକାଃ ॥

***

### ॥ ପ୍ରଥମ ଅଧ୍ୟାୟ ॥

ନମଇଁ ପରମ ପୁରୁଷ । ନୀଳ କନ୍ଦରେ ତୋର ବାସ ॥ ୦୧ ॥
ଯୋଗୀଜନ ରଞ୍ଜିବା ପାଇଁ । ନିଶ୍ଚଳେ ବସିଛ ଗୋସାଇଁ ॥ ୦୨ ॥
ବ୍ରହ୍ମଜ୍ଞାନୀଙ୍କ ଗର୍ବ ଚୂରି । ତେଣୁ ବୋଲାଉ ବ୍ରହ୍ମଚାରୀ ॥ ୦୩ ॥
ଅଷ୍ଟାଙ୍ଗ ଯୋଗ ସାଧିବାରେ । ନିଶ୍ଚଳ ଆତ୍ମା ଲୟଦ୍ୱାରେ ॥ ୦୪ ॥
ପଚିଶ ପ୍ରକୃତିକୁ ସାଧି । ପଞ୍ଚମନକୁ ହୃଦେ ରୁନ୍ଧି ॥ ୦୫ ॥
ପଞ୍ଚାଶ ପବନ ରୁନ୍ଧନେ । ଇନ୍ଦ୍ରିୟ ରୋଧ ସମାପନେ ॥ ୦୬ ॥
ଷଡ଼ ଅରିକୁ ଜୟ କରି । ନିଶ୍ଚଳେ ଅନାହତେ ଭରି ॥ ୦୭ ॥
ନିଶ୍ଚିତ ଯୋଗରେ ଅଚଳ । ନୟନ ଥାଇଁ ଅଚଞ୍ଚଳ ॥ ୦୮ ॥
ନାସିକା ଥାଉ ନାହିଁ ବାସ । ଶ୍ରବଣ ନାହିଁ ଶ୍ରୋତ୍ର ବିଷ ॥ ୦୯ ॥
ବକତା ନାହିଁ ଅଧରରେ । ଜପ ବିହିଲା ସେ ପ୍ରକାରେ ॥ ୧୦ ॥
କଟିରେ ହଜିଲା ଚରଣ । ଇନ୍ଦ୍ର ଜପିଲା ଉଦରେଣ ॥ ୧୧ ॥
ଗୁହ୍ୟ ହଜିଲା ପାତାଳରେ । ନଖ ଲୋମ ଯେ ହୃଦୟରେ ॥ ୧୨ ॥
ଜ୍ଞାନ ଅନଳେ ସର୍ବ ଦହି । କ୍ଷୁଧା ପିପାସା ଜଠେ ଦେଇ ॥ ୧୩ ॥
ଏଣୁ ସେ ବ୍ରହ୍ମ ଅବତାର । ଅଣଚାଶ ବାୟୁ ସାଧର ॥ ୧୪ ॥
ତୁମ୍ଭରେ ହୁଏ ଏହା ସାଧି । ଅନ୍ୟର କାହିଁ ଏତେ ବୁଦ୍ଧି ॥ ୧୫ ॥
ହର ବିରଞ୍ଚି ସୁନାସାର । ଅନଳ ଚନ୍ଦ୍ର ଦିବାକର ॥ ୧୬ ॥
କୁବେର ବରୁଣ ବାସୁକୀ । ମେରୁ ମରୁତ ଇତ୍ୟାଦିକି ॥ ୧୭ ॥
ଏହାଙ୍କ ଶକ୍ତି ଏଡ଼େ କାହିଁ । ଏଡ଼େ ନିଶ୍ଚଳ ହେବା ପାଇଁ ॥ ୧୮ ॥
ଈଶ୍ୱର ଧରିବାର ଯୋଗ । ନ ଛାଡେ କାମ କ୍ରୋଧ ଲୋଭ ॥ ୧୯ ॥
ମୁନି ଯତି ଯେ ସାଧୁଛନ୍ତି । ଆହାର ନିଦ୍ରା ନ ଛାଡନ୍ତି ॥ ୨୦ ॥
ଆବର ଅଷ୍ଟଦିଗପାଳେ । ଏ ପଣି ନ ପାରନ୍ତି ଢାଳେ ॥ ୨୧ ॥
ନର କିନ୍ନର ଭେଦ କାହିଁ । ସୁର ଗନ୍ଧର୍ବେ ଭେଦ ନାହିଁ ॥ ୨୨ ॥
ଏଣୁ ନିଶ୍ଚୟ ଭଗବାନ । ସର୍ବ ଦେବତା ମୋକ୍ଷପାନ ॥ ୨୩ ॥

ଉଦ୍ଧବ ଦିନେ ବଦ୍ରିକାରେ । ପାଦୁକା ବଳେ ଧ୍ୟାନ କରେ ॥ ୨୪ ॥
ଦେଖି ତାହାର ଦୃଢ଼ ଧ୍ୟାନ । ଆସି ମିଳିଲେ ଭଗବାନ ॥ ୨୫ ॥
ଉଦ୍ଧବ ପାଦେ ପଡ଼ିଶୋଇ । ବୋଲଇ ନିସ୍ତରିଲି ମୁହିଁ ॥ ୨୬ ॥
କେବେ ଦର୍ଶନ ମନେ ଥିଲା । ଏବେ ନୟନ ଭାଗ୍ୟ କଲା ॥ ୨୭ ॥
ଯେତେ କହିଲ ଭାଗବତେ । ଭ୍ରମି ହୋଇଲି ନାନାମତେ ॥ ୨୮ ॥
ନିଷ୍ଠା କହିବା ମୋତେ ହେଉ । ଏ ଜୀବ ସଦଗତି ପାଉ ॥ ୨୯ ॥

### ଶ୍ରୀ ଭଗବାନ ଉବାଚ

ଉଦ୍ଧବ ଶୁଣ ସାବଧାନେ । ଏ ଜୀବ ଥାଇ ସର୍ବସ୍ଥାନେ ॥ ୩୦ ॥
କେବଳ ଥାଇ ସାଧ୍ୟ ଭାବେ । ଇନ୍ଦ୍ରିୟ ଦୁଃଖ ସୁଖ ଭାବେ ॥ ୩୧ ॥
ଏଣୁ ଲାଗଇ ଗୁଣ ଦୋଷ । ଜୀବ ତ ନିର୍ଗୁଣ ପୁରୁଷ ॥ ୩୨ ॥
ନିର୍ମଳ ନିରଞ୍ଜନ ଏହି । ଏହାର କ୍ଷୟ ବୃଦ୍ଧି ନାହିଁ ॥ ୩୩ ॥
ଜନ୍ମ ମରଣ ଶୋକ ମୋହ । ଦୁଃଖ ସୁଖାଦି ଏ ସଂଶୟ ॥ ୩୪ ॥
ନିଦ୍ରା ଆହାର ପବନରେ । କାମ କାର୍ପୂଣ୍ୟ ବିକାରରେ ॥ ୩୫ ॥
ପ୍ରକୃତି ପୁରୁଷ ନ ଛାଡ଼େ । ଏବେ ନିଶ୍ଚିନ୍ତ ମାୟାଜଡ଼େ ॥ ୩୬ ॥
ଏ ସର୍ବ ସଭା ଉଦାସୀନ । ଜୀବର ନାହିଁ ତା ଗ୍ରହଣ ॥ ୩୭ ॥
କାହୁଁ ଅଇଲା ତା ନ ଜାଣେ । ଦେହକୁ ସତ୍ୟ କରି ମଣେ ॥ ୩୮ ॥
ଅନ୍ତେ ଯହିଁକି ଜୀବ ଯିବ । ତାହା ନ ଜାଣେ ବ୍ରହ୍ମା ଶିବ ॥ ୩୯ ॥
କାହିଁରୁ ପୂର୍ବେ ଆସିଥିଲା । ଏବେ ସେ ହେତୁ ପାଶୋରିଲା ॥ ୪୦ ॥
ଆଦ୍ୟରେ ରହି ଥିଲା ଯହିଁ । ଯହୁଁ ଅଇଲା ଦେହ ବହି ॥ ୪୧ ॥
ଦେହ ଉପେକ୍ଷି ଗଲା ପ୍ରାଣ । ମଳାରୁ ପାସୋରିଲା ଜ୍ଞାନ ॥ ୪୨ ॥
ଏବେ ପାଇବ ତାହା କାହିଁ । ଗୁରୁ ସେବିଲା ପୂର୍ବ ନାହିଁ ॥ ୪୩ ॥
ଯହୁଁ ସେ ଦେହ ଆସି ଥାଇ । ଅନ୍ତେ ଯହିଁକି ଦେହ ଯାଇ ॥ ୪୪ ॥
ଯହିଁ ରହଇ ଯାଇ ପ୍ରାଣ । ତାହାକୁ ଗୁରୁ କରି ଚିହ୍ନ ॥ ୪୫ ॥
ଯାହାକୁ ଭାବି ନିରନ୍ତରେ । ସେବିଲେ ଅନ୍ତର ବାହାରେ ॥ ୪୬ ॥
ଯା ପାଇଁ ବ୍ରତ ତପଦାନ । ଯଜ୍ଞେ ଦେବତା ଆରାଧନ ॥ ୪୭ ॥
ପ୍ରତିମା ଶିବ ଚଣ୍ଡୀ ପୂଜି । ଜଳେ ବିଷ୍ଣୁଙ୍କ ନାମ ଭଜି ॥ ୪୮ ॥
ବେଦ ପଠନ ଯଜ୍ଞ ଦାନ । ବିପୁଳ ଗୃହ ନାନା କର୍ମ ॥ ୪୯ ॥
ଇତ୍ୟାଦି ଶାଖା ନାନା ବିଧି । ଅତିଥି ସାଧୁଙ୍କୁ ଆରାଧି ॥ ୫୦ ॥
ଯାହାକୁ ଏତେ ଭାବେ ଧ୍ୟାୟି । ବାହାର ଭିତରେଟି ସେହି ॥ ୫୧ ॥
ନିକଟେ ଥାଇଣ ଅଦୃଶ୍ୟ । ଯେଣୁ ନ ମେଣ୍ଟେ କର୍ମପାଶ ॥ ୫୨ ॥
ଏଣୁ ଜ୍ଞାନ ଚକ୍ଷୁ ନ ସ୍ଫୁରେ । ତେଣୁ ନ ଦିଶେ ନିକଟରେ ॥ ୫୩ ॥
ଏଣୁ ଭ୍ରମଇ ନାନାମତେ । ପୂଜଇ ନିତ୍ୟ ବୋଲି ମୋତେ ॥ ୫୪ ॥
ଯେମୋତେ ଯତ୍ନେ ଭୋଗଦେଇ । ତାହାଠୁ ଦୂରେ ମୁହିଁ ରହି ॥ ୫୫ ॥
ଯେ ପୁଣି କରେ ହୋମଯଜ୍ଞ । ତହୁଁ ମୁଁ ବହୁତ ଉଲଗ୍ନ ॥ ୫୬ ॥
କେ ଭଜେ ଜପ ଭଜନରେ । ଷଡ଼ାର୍ଘ୍ୟ କବଚ ଅଙ୍ଗରେ ॥ ୫୭ ॥
କେ ଅଙ୍ଗନ୍ୟାସ କ୍ରମଶରେ । ଧ୍ୟାନ କରଇ ଏକାନ୍ତରେ ॥ ୫୮ ॥

ପ୍ରତିମା ଦୃଷ୍ଟି ପଥେ ସ୍ଥାପି । ବିବିଧ ଗନ୍ଧଦ୍ରବ୍ୟ ଲେପି ॥ ୫୯ ॥
ବସନ ପରିଧାନ କରେ । ବିବିଧ ଅଳଙ୍କାର ଭରେ ॥ ୬୦ ॥
ଅର୍ଚ୍ଚନା ବନ୍ଦନା ମାର୍ଜ୍ଜନା । କେ ସ୍ତୁତି କରଇ ପ୍ରାର୍ଥନା ॥ ୬୧ ॥
ଏହାଠୁଁ ଦୂର ମୁଁ ଉଦ୍ଧବ । ଏଥି ମୋହର ନାହିଁ ଭାବ ॥ ୬୨ ॥
ସେ ଶ୍ରଦ୍ଧା ପାଇଣ କରନ୍ତି । ମୋ ଭାବ ଜାଣି ନପାରନ୍ତି ॥ ୬୩ ॥
ଏଣେ ଅଖଣ୍ଡ ମୟ ଜ୍ଞାନ । ନ ଚିହ୍ନି ପୂଜୁଥାଇ ଅନ୍ୟ ॥ ୬୪ ॥
ତାହାକୁ ଦେଖୁଥାଇ ଅନ୍ୟେ । ସେ ପୁଣି ପୂଜନ୍ତି ବିଧାନେ ॥ ୬୫ ॥
ଏକୁ ଅନେକ ଏହିମତେ । ପୂଜନ୍ତି ସଂସାର ନିମନ୍ତେ ॥ ୬୬ ॥
ଏହି ପ୍ରକାରେ ସର୍ବଜନେ । କରନ୍ତି ବେଦର ବିଧାନେ ॥ ୬୭ ॥
ମୋତେ ପାଇବେ ସେହୁ କାହିଁ । ପୂର୍ବ ଅର୍ଜିଲା ପୁଣ୍ୟ ନାହିଁ ॥ ୬୮ ॥
ମୁଁ ଆତ୍ମା ନିରଞ୍ଜନ ମୂଳ । ଆଉ ସମସ୍ତ ଅଟେ ଡାଳ ॥ ୬୯ ॥
ଯେସନେ ବୀଜ କ୍ଷୁଦ୍ର ହୋଇ । ତହୁଁ ସେ ବୃକ୍ଷ ପ୍ରକାଶଇ ॥ ୭୦ ॥
ତେମନ୍ତ ମୂଳ ମୁଁ ପ୍ରଧାନ । ମୋତେ ନ ଚିହ୍ନେ ମୂଢ଼ଜନ ॥ ୭୧ ॥
ସମସ୍ତ ବେଦ ହୋଇ ବୃକ୍ଷେ । ଫଳ ଫଳାନ୍ତେ ଅନ୍ତରୀକ୍ଷେ ॥ ୭୨ ॥
ସେ କର୍ମ ଫଳ ଅନୁସାରେ । ଏମନ୍ତ ବିବିଧ ପ୍ରକାରେ ॥ ୭୩ ॥
ଏ ଆତ୍ମା ଏତେ କର୍ମେ ନାହିଁ । କର୍ମେ ଲୋଡ଼ିଲେ ପାଇ କାହିଁ ॥ ୭୪ ॥
ଏଣୁ ଅବିଦ୍ୟାରୁ ବାହାର । ଅନନ୍ତ ଅନାଦି ଈଶ୍ୱର ॥ ୭୫ ॥
ଅବ୍ୟକ୍ତ ଅନିତ୍ୟ ଯେ ସେହି । ଘର ବାହାରେ ପ୍ରକାଶଇ ॥ ୭୬ ॥
ଯହୁଁ ଆସଇ ତହିଁ ଲୀନ । ନୁହଁଇ ବସ୍ତୁ ମହାଶୂନ୍ୟ ॥ ୭୭ ॥
ଘଟେ ଚେତନା ସ୍ଥାନ ସେହି । ବିକୁଣ୍ଠା ନାମ ତାର କହି ॥ ୭୮ ॥
ଏଣୁ ମୁଁ ବିକୁଣ୍ଠା କୁମର । ତେଣୁ ବୈକୁଣ୍ଠ ନାମ ମୋର ॥ ୭୯ ॥
ଏ ଦେହ ଅନ୍ତେ ମୁହିଁ ଯିବି । ବିକୁଣ୍ଠା ବ୍ରହ୍ମରେ ମିଶିବି ॥ ୮୦ ॥
ଚତୁର୍ଦ୍ଦଶ ପ୍ରଳୟ ଯେବେ । ପଶନ୍ତି ବିରାଟର ଗର୍ଭେ ॥ ୮୧ ॥
ବିରାଟ ପ୍ରଳୟର କାଳେ । ପଶଇ ମୋର ନାଭିମୂଳେ ॥ ୮୨ ॥
ସକଳ ପ୍ରଳୟରେ ଯାଇ । ମୁହିଁ କେବଳ ମାତ୍ର ଥାଇ ॥ ୮୩ ॥
ମୁହିଁ ପ୍ରଳୟ ମୋର ସୁଖେ । ମିଶଇ ବ୍ରହ୍ମର ଅଲେଖେ ॥ ୮୪ ॥
ପୁଣି ଆପଣା ସୁଖେ ଆସି । ବ୍ରହ୍ମର ତଳେ ମୁହିଁ ଖସି ॥ ୮୫ ॥
ମୋ ନାଭି କମଳୁ କମଳ । ଜନ୍ମିଲା ଅତ୍ୟନ୍ତ କୋମଳ ॥ ୮୬ ॥
ସେ ନାଭୁଁ ବିରାଟ ବାହାର । ବ୍ରହ୍ମଟି ପଞ୍ଚମ ପ୍ରକାର ॥ ୮୭ ॥
ତେଣୁ ଅଶେଷ କରେ ଜାତ । ଉତ୍ପତ୍ତି ପ୍ରଳୟ ମୋ ସ୍ଥିତ ॥ ୮୮ ॥
ତୁ ଏବେ ସର୍ବ କର୍ମ ଏଡ଼ି । ପରମ ବ୍ରହ୍ମଜ୍ଞାନେ ବୁଡ଼ି ॥ ୮୯ ॥
ପାରିଲେ ଏହି ଜ୍ଞାନ ସାଧ । ସଂସାର ମାର୍ଗୁ ଛାଡି ସଧ ॥ ୯୦ ॥
ଏ ଜ୍ଞାନ ସର୍ବଶାସ୍ତ୍ରେ ସାକ୍ଷୀ । ବେଦ ବେଦାନ୍ତରେ ଯା ଲେଖି ॥ ୯୧ ॥
ଏହୁ ଉତ୍ପତ୍ତି ହେଉଥାଇ । ପ୍ରଳୟେ ତହିଁରେ ମିଶଇ ॥ ୯୨ ॥
ମନ ବଚନୁ ଅଗୋଚର । ଚିତ୍ତ ଚୈତନ୍ୟରୁ ବାହାର ॥ ୯୩ ॥
ଉତ୍ପତ୍ତି ସ୍ଥିତି ଲୟକର୍ତ୍ତା । ସକଳ ଦେବଙ୍କ ଦେବତା ॥ ୯୪ ॥
ପାଦ ପାଣି ମସ୍ତକ ଯହିଁ । ଚାହିଁଲେ ଠୁଳ ପ୍ରକାଶଇ ॥ ୯୫ ॥

ଅକ୍ଷୟ ଭାବେ ଏ ମୁରାରୀ । ଅନନ୍ତ ନାମ ଏଥି ଧରି ॥ ୯୬ ॥
କେତେହେଁ ଜାତ କେତେ ଲୀନ । କେ ତାହା କରିବ ବଖାଣ ॥ ୯୭ ॥
ଯେସନେ ବରଷଇ ପାଣି । କେତେ ବରଷେ କେବା ଜାଣି ॥ ୯୮ ॥
ଜନ୍ମ ଏମନ୍ତ କେତେ ହୋଇ । କେ ଜାଣିପାରେ ଅନ୍ତ ନାହିଁ ॥ ୯୯ ॥
ସିନ୍ଧୁରେ କେତେ ନଦୀ ମିଶି । ତାହା କେ କହିବ ପ୍ରକାଶି ॥ ୧୦୦ ॥
ଏମନ୍ତେ କେତେ ହେଁ ପ୍ରଳୟ । କେ ତାହା କରିବ ନିର୍ଣ୍ଣୟ ॥ ୧୦୧ ॥
ପ୍ରଥମସ୍କନ୍ଧେ ଅଛି ରହି । ଦ୍ୱିତୀୟସ୍କନ୍ଧେ ହୁଏ ଏହି ॥ ୧୦୨ ॥
ତୃତୀୟସ୍କନ୍ଧେ ଯା ବଖାଣି । ଚତୁର୍ଥସ୍କନ୍ଧେ ପରିମାଣି ॥ ୧୦୩ ॥
ପଞ୍ଚମସ୍କନ୍ଧେ ଯାହା ତୋତେ । କହିଲୁ ଷଷ୍ଠସ୍କନ୍ଧ ମତେ ॥ ୧୦୪ ॥
ସପ୍ତମସ୍କନ୍ଧେ ଜ୍ଞାନ କହି । ଅଷ୍ଟମସ୍କନ୍ଧେ ବୁଝ ତୁହି ॥ ୧୦୫ ॥
ନବମସ୍କନ୍ଧେ ଦେଲି ଦୀକ୍ଷା । ଦଶମସ୍କନ୍ଧେ ପ୍ରେମ ଶିକ୍ଷା ॥ ୧୦୬ ॥
ଏକାଦଶରେ ଜ୍ଞାନ କହି । ଦ୍ୱାଦଶସ୍କନ୍ଧେ ଆଚରଇ ॥ ୧୦୭ ॥
ତୋର ଅବୋଧ ଦେଖି ମନ । ତେଣୁ ମୁଁ ଦେଲି ଦରଶନ ॥ ୧୦୮ ॥
ଏବେ ତୁ ପୂଜା ଧ୍ୟାନ ଛାଡ଼ । ଏକାନ୍ତ ବ୍ରହ୍ମ ସୁଖେ ଜଡ଼ ॥ ୧୦୯ ॥
ଏ ବ୍ରହ୍ମ ପ୍ରେମ ତରଙ୍ଗିଣୀ । ଭବସାଗରୁ ତରେ ପ୍ରାଣୀ ॥ ୧୧୦ ॥
ଏକାନ୍ତେ ରହି ଆତ୍ମଭାବେ । ବୋଧି ଉଦ୍ଧବ ଜ୍ଞାନଯୋଗେ ॥ ୧୧୧ ॥
ଅନ୍ତରେ ହୋଇଣ ନିର୍ମଳ । ହସି କହିଲେ ଆଦିମୂଳ ॥ ୧୧୨ ॥
ଦ୍ୱାରକା ଜଗନ୍ନାଥ ଦାସ । ଆନନ୍ଦେ କଲେ ପରକାଶ ॥ ୧୧୩ ॥
ତ୍ରୟୋଦଶସ୍କନ୍ଧେ ଏ ରସ । ସୁଜନେ ଶୁଣ ହୋଇ ତୋଷ ॥ ୧୧୪ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣ ଉଦ୍ଧବ ଦ୍ୱାରକା
ବିବରଣେ ନାମ ପ୍ରଥମୋଦ୍ଧ୍ୟାୟଃ ॥

***

## ॥ ଦ୍ୱିତୀୟ ଅଧ୍ୟାୟ ॥

### ଉଦ୍ଧବ ଉବାଚ

ଉଦ୍ଧବ କୃଷ୍ଣ ପାଦ ଧରି । ବୋଲଇ ପ୍ରେମେ ମୋଦ ଭରି ॥ ୦୧ ॥
ଦୁସ୍ତର ଏ ଘୋର ସଂସାର । କୃତାର୍ଥ ନାହିଁ ଏ ଜୀବର ॥ ୦୨ ॥
ଜ୍ଞାନ କହିଲ ସ୍ୱୟଂ ମୋତେ । ଦେଖିଲି ଦୃଷ୍ଟିରେ ସାକ୍ଷାତେ ॥ ୦୩ ॥
ପ୍ରଳୟ ବ୍ରହ୍ମାଣ୍ଡ କେମନ୍ତେ । ଜୀବ ପ୍ରଳୟ କେଉଁ ମତେ ॥ ୦୪ ॥
ଏହା କହିବା ହେଉ ହରି । ପୁଚ୍ଛଇ ବେନି ପାଦ ଧରି ॥ ୦୫ ॥
ଶ୍ରୀ ଭଗବାନୁବାଚ ॥ ୦୬ ॥
ଶୁଣ ଉଦ୍ଧବ ଯାହା ପୁଚ୍ଛି । କହିବା ତହୁଁ ତୋତେ କିଛି ॥ ୦୭ ॥
ସପତ ପାତାଳେ ଯେ ଏଥି । ଏହା ପ୍ରଳୟେ କରେ ପୃଥ୍ୱୀ ॥ ୦୮ ॥
ପଶନ୍ତି ପୃଥ୍ୱୀ ଅଙ୍ଗେ ଯାଇ । ପୃଥ୍ୱୀ ପ୍ରଳୟ ଅନ୍ତ ନାହିଁ ॥ ୦୯ ॥
ପୃଥ୍ୱୀକୁ ଆପ ପ୍ରଳେ କଲା । ଭୁଲୋକ ମଧ୍ୟରେ ପଶିଲା ॥ ୧୦ ॥
ତହୁଁ ଯେ ଥିଲେ ବେନି ଜନ । ଆଦ୍ୟଦ୍ୱାରେ ସେ ଦ୍ୱାରୀ ପଣ ॥ ୧୧ ॥
ବିଷ୍ଣୁର ଆଦ୍ୟ ଦ୍ୱାରୀ ସେହି । ପୃଥ୍ୱୀ ଆପଙ୍କ ଫଳେ ତହିଁ ॥ ୧୨ ॥

ଚାରିବେଦରୁ ଚାରି ବାଇ । ଚାରି ଅକ୍ଷର ଏହା କହି ॥ ୧୩ ॥
ପାଖୁଡ଼ା ଅକ୍ଷରେ ରହିଲା । ଅକ୍ଷୟ ବାୟୁ ହୋଇଗଲା ॥ ୧୪ ॥
ବାୟବୀ ଶକ୍ତି ତୀରେ ପଶି । ଶକ୍ତି ଗଣେଶ ଦେହେଁ ମିଶି ॥ ୧୫ ॥
ଗଣେଶ ଭୁବଲୋକେ ଗଲା । ପ୍ରଳୟ ସହି ନ ପାରିଲା ॥ ୧୬ ॥
ଭୁବଲୋକରେ ଦେବାଦେବୀ । ଦ୍ୱିତୀୟ ଦ୍ୱାର ପାଳ ସେବି ॥ ୧୭ ॥
ଷଡ଼ ଅକ୍ଷର ଷଡ଼ ଦଳ । ଷଡ଼ ପବନ ଯହିଁ ଠୁଳ ॥ ୧୮ ॥
କାମ କାମାକ୍ଷୀ ଯହିଁ ଦ୍ୱାରୀ । ପାତାଳପୁର ଅଧିକାରୀ ॥ ୧୯ ॥
ଷଡ଼ ଅକ୍ଷର ପ୍ରଳୟାନ୍ତେ । ଷଡ଼ ପବନ ଯେ ମିଳନ୍ତେ ॥ ୨୦ ॥
ଷଡ଼ ଅକ୍ଷର ପ୍ରଳେ ହୋଇ । କାମାକ୍ଷୀ ଅଙ୍ଗେ ପଶେ ଯାଇ ॥ ୨୧ ॥
କାମାକ୍ଷୀ ପ୍ରଳୟର କାଳେ । ପଶଇ କାମ ଗର୍ଭସ୍ଥଳେ ॥ ୨୨ ॥
ଭୁବ ପୁଲୋକ ପ୍ରଳୟାନ୍ତେ । ମିଶଇ ସୁରଙ୍କ ସଙ୍ଗତେ ॥ ୨୩ ॥
ସେ ଦ୍ୱାରେ ବେନିଜନ ଦ୍ୱାରୀ । ଆପକୁ ପ୍ରଳେ ତେଜ କରି ॥ ୨୪ ॥
ତେଜି ଦଶ ଦଳ କମଳ । ଦଶ ଅକ୍ଷର ଦଶ ଦଳ ॥ ୨୫ ॥
ଦଶ ପବନ ଯହିଁ ବସେ । ତେଜ କମଳ ପରକାଶେ ॥ ୨୬ ॥
ଦଶ ଅକ୍ଷର ଦ୍ୱାରେ ହୋଇ । ଅକ୍ଷର ପବନ ହୁଅଇ ॥ ୨୭ ॥
ପବନ ସାବିତ୍ରୀ ଶକ୍ତିରେ । ପଶନ୍ତି ଯାଇ ପ୍ରଳୟରେ ॥ ୨୮ ॥
ସାବିତ୍ରୀ ପ୍ରଳୟରେ ଯାଇ । ସେ ବ୍ରହ୍ମ ବ୍ରହ୍ମରେ ମିଶଇ ॥ ୨୯ ॥
ଅକ୍ଷର ଦଳ ଏ ପବନ । ତେଜ ପବନେ ଦେବଗଣ ॥ ୩୦ ॥
ବ୍ରହ୍ମ ପ୍ରଳୟ ସେହୁ ଲୀଳା । ବାୟବ୍ୟ ମଣ୍ଡଳେ ପଶିଲା ॥ ୩୧ ॥
ପୃଥିବୀ ଆପ ତେଜ ଘେନି । ବାୟବ୍ୟ ମଣ୍ଡଳରେ ପୁଣି ॥ ୩୨ ॥
ଦ୍ୱାଦଶ ଦଳ ଜନଲୋକ । ତହିଁର ଦ୍ୱାରେ ବେନି ଦେଖ ॥ ୩୩ ॥
ଦ୍ୱାଦଶ ଅକ୍ଷର ବସଇ । ଦ୍ୱାଦଶ ପାଇଁ ପ୍ରଘଟଇ ॥ ୩୪ ॥
ଦଶ ଅକ୍ଷର ଦ୍ୱାରେ ହୁଏ । ଅକ୍ଷର ହୁଏ ବାୟୁ ମୟେ ॥ ୩୫ ॥
ବାୟବ୍ୟ ଲକ୍ଷ୍ମୀ ସଙ୍ଗେ ମିଶି । ଲକ୍ଷ୍ମୀ ନାରାୟଣ ପ୍ରବେଶି ॥ ୩୬ ॥
ଓଁକାର ବାୟୁ ମୁଳେ ଛିଡ଼େ । ନିଷେଧ କିଳିଣିକି ଫେଡ଼େ ॥ ୩୭ ॥
ସେ ମହା ନାରାୟଣ ଯାଇ । ତପ ଲୋକରେ ମେଳ ହୋଇ ॥ ୩୮ ॥
ଆକାଶ ମଣ୍ଡଳେ ପଶନ୍ତି । ସେ ଦ୍ୱାରେ ବେନି ଜନେଛନ୍ତି ॥ ୩୯ ॥
ଷୋଳ ଦଳରେ ଷୋଳକ୍ଷର । ଷୋଡ଼ଶ ପବନ ତାହାର ॥ ୪୦ ॥
ଶିବ ପାର୍ବତୀ ବେନିଜନ । ପଶନ୍ତି କଣ୍ଠ ଦ୍ୱାର ସ୍ଥାନ ॥ ୪୧ ॥
ଷୋଳ ଅକ୍ଷର ଲୀନ ପାଇ । ଅକ୍ଷର ବାୟୁରେ ସମ୍ଭାଇ ॥ ୪୨ ॥
ବାୟୁ ପାର୍ବତୀ ସଙ୍ଗେ ମିଶି । ପାର୍ବତୀ ସଙ୍ଗରେ ବିକାଶି ॥ ୪୩ ॥
ଶିବ ପ୍ରଳୟ ଆକାଶରେ । ଶୁଣ କହିବା କିଛି ତୋରେ ॥ ୪୪ ॥
ଶିବ ଯେ ମହଲ୍ଲୋକେ ଗଲେ । ମହଲ୍ଲୋକୁ ସତ୍ୟେ ଚଳିଲେ ॥ ୪୫ ॥
ସତ୍ୟଲୋକୁ ବ୍ରହ୍ମ ଲୋକରେ । ଧୃବଲୋକ ବ୍ରହ୍ମ ମଣ୍ଡଳେ ॥ ୪୬ ॥
ସମସ୍ତେ ପ୍ରଳୟର ରାଶି । ଜୀବ ସଙ୍ଗରେ ଯାଇ ମିଶି ॥ ୪୭ ॥
ହଂସ ପ୍ରଳୟ ଯାଇ ହୋଇ । କାଳ ପ୍ରକୃତି ପୁରୁଷ ହିଁ ॥ ୪୮ ॥
ହ-ଅ ଯେ ପରମ ଅଟଇ । ସ-ଅ ଯେ ଜୀବକୁ ବୋଲାଇ ॥ ୪୯ ॥

କମଳ ମଣ୍ଡଳ ପୁରୁଷ । ଏ ତିନି ପ୍ରଳୟ ପ୍ରବେଶ ॥ ୫୦ ॥
ବେଦ ବଉଦ ପ୍ରଳେ ଗଲେ । ଜୀବ ଅଙ୍ଗରେ ସେ ରହିଲେ ॥ ୫୧ ॥
ସେ ଜୀବ ମହତ ପୁରୁଷ । ପଞ୍ଚତତ୍ତ୍ୱକୁ ଘେନି ପାଶ ॥ ୫୨ ॥
ଜୀବ ପ୍ରଳୟ ତ୍ରାସ ପାଇ । ପରମ ଆତ୍ମାରେ ମିଶଇ ॥ ୫୩ ॥
ପରମ ଆତ୍ମା ସର୍ବ ଘେନି । ଭାସେ ପ୍ରଳୟ ଜଳେ ପ୍ରାଣୀ ॥ ୫୪ ॥
ପ୍ରଳୟ ଜଳରେ ଭାସଇ । ସଲିଳ ବିମ୍ବ ପ୍ରାୟ ହୋଇ ॥ ୫୫ ॥
ହଂସ ସ୍ୱରୂପ ଜଳେ ଭାସେ । ପ୍ରଳୟ ଅନ୍ତେ ସୃଷ୍ଟି ବସେ ॥ ୫୬ ॥
ସେ ହଂସ ସହସ୍ର ବରଷ । ପ୍ରଳୟ ଜଳେ କରେ ବାସ ॥ ୫୭ ॥
ଆହାର ବିନୁ ଭ୍ରମୁଥାଇ । ପ୍ରଳୟ ତାକୁ ନ ଧରଇ ॥ ୫୮ ॥
ପରମ ଆତ୍ମା ହଂସ ଦୀକ୍ଷା । ସୃଷ୍ଟି ଭିଆଣ କଲା ଇଚ୍ଛା ॥ ୫୯ ॥
ଡିମ୍ବେକ ପଡିଲା ଜଳରେ । ପଞ୍ଚବର୍ଣ୍ଣ ସେ ଡିମ୍ବ ଧରେ ॥ ୬୦ ॥
ଡିମ୍ବ ତାପିଲା ପଞ୍ଚତତ୍ତ୍ୱେ । ପାକ ହୋଇଲା ଡିମ୍ବ ଅନ୍ତେ ॥ ୬୧ ॥
ସେ ଡିମ୍ବ ବେନି ଫାଳ କଲା । ଫାଳକେ ପୃଥିବୀ ହୋଇଲା ॥ ୬୨ ॥
ଫାଳକେ ଆକାଶ ଅଟଇ । ଭାସଇ ଜୀବ ପ୍ରାୟ ହୋଇ ॥ ୬୩ ॥
କ୍ଷୟ ନୋହିଲା ଯହୁଁ ଫାଳ । ନାଭିରୁ ଜାତ ପଦ୍ମମୂଳ ॥ ୬୪ ॥
ସେ ଷଡ଼ ଅଷ୍ଟମୁଖେ ଗଲା । ସପତ ପାତାଳ ଭେଦିଲା ॥ ୬୫ ॥
ଊର୍ଦ୍ଧ୍ୱେ ସେ ଗଲା ନାଡ଼େ ବଢ଼ି । ପରେ ଊର୍ଦ୍ଧ୍ୱ ଲୋକେ ହାବୋଡ଼ି ॥ ୬୬ ॥
ସେ ନାଡ଼ୀ ମଧ୍ୟେ କଟିଭାଗ । ତହିଁ ଛନ୍ତି ବାସୁକୀ ନାଗ ॥ ୬୭ ॥
ସେ ନାଗ ଲାଞ୍ଜେ ମେରୁ ଖଟି । ତା ଶିରେ ଫଣା ସହସ୍ରଟି ॥ ୬୮ ॥
ସହସ୍ର ଫଣାରେ ଧରଇ । ତେବେ ବ୍ରହ୍ମାଣ୍ଡ ଥୟ ହୋଇ ॥ ୬୯ ॥
ସେ ନାଗକୁଳଙ୍କ ଆଶ୍ରମ । ଧଇଲା ଅତି ବଡ଼ କୂର୍ମ ॥ ୭୦ ॥
କୂର୍ମକୁ ମଣ୍ଡୁକୀ ଧଇଲା । ଏମନ୍ତ ପୃଥ୍ୱୀଥୟ ହେଲା ॥ ୭୧ ॥
ତେବେ ସଞ୍ଚିଲା ମହୀଭାର । ମୁଁ ପ୍ରତିପାଳଇ ସଂସାର ॥ ୭୨ ॥
ଏମନ୍ତେ ତିନି ଦେବ ହୋଇ । ପ୍ରଳୟ ଶିବ ଯେ କରଇ ॥ ୭୩ ॥
ମେରୁ ହୋଇଲା ପଦ୍ମମୂଳ । ତହିଁ ବାନ୍ଧିଲା ଡିମ୍ବଫାଳ ॥ ୭୪ ॥
ବନ ପର୍ବତ ନଦୀ ତୀର୍ଥ । ଫଳ ମୂଳ ଅନ୍ନ ଯାବତ ॥ ୭୫ ॥
ମନୁଷ୍ୟ ପକ୍ଷୀ ସର୍ପହୋଇ । ଏ ସର୍ବ ସାଧ କଲେ ମହୀ ॥ ୭୬ ॥
ଶୁଣି ଉଦ୍ଧବ କୃତ୍ୟ କୃତ୍ୟ । ମୁଁ ତୁମ୍ଭ ଜନ୍ମେ ଜନ୍ମେ ଭୃତ୍ୟ ॥ ୭୭ ॥
ତେଣୁ ଭକତି ବଶ ତୁହି । ଭାବ ନିକଟେ ଭାବଗ୍ରାହୀ ॥ ୭୮ ॥
ଏ ଦେହେ କର ଶିର ନେତ୍ର । ନାସା ବଦନ କର୍ଣ୍ଣପଥ ॥ ୭୯ ॥
ଆତ୍ମା ସହିତେ ଇନ୍ଦ୍ରି ପୁଣ । ପାଞ୍ଚ ମନ ପ୍ରକୃତିଗଣ ॥ ୮୦ ॥
ଏ ସର୍ବ ତୋହର ସଞ୍ଚିତ । ତୁମ୍ଭର କିଣା ଗୋପୀନାଥ ॥ ୮୧ ॥
ମୋହର ନାହିଁ ଏଥି ପଣ । ଏ ସବୁ ତୋହର ଭିଆଣ ॥ ୮୨ ॥
ରଖ ନ ରଖ ତୋର ଇଚ୍ଛା । ମୋତେ କରିବ ତୁମେ ରକ୍ଷା ॥ ୮୩ ॥
କୃତାର୍ଥ କର ଭଗବାନ । କହିବ ଗୁପ୍ତ କଥାମାନ ॥ ୮୪ ॥
ଅଧଃ ଊର୍ଦ୍ଧ୍ୱ କାହାକୁ କହି । ଉତ୍ପତ୍ତି ପ୍ରଳୟ କେ ହୋଇ ॥ ୮୫ ॥

ତ୍ରିମାତ୍ରା ବୋଲି ଅବା କେହୁ । ତ୍ରିମୁଖ କେବା ମହାବାହୁ ॥ ୮୬ ॥
ଜୀବ ପରମ କେ ଅଟଇ । ଶିବ ଶକ୍ତି ବା କେ ବୋଲାଇ ॥ ୮୭ ॥
ଉତ୍ପତ୍ତି ପ୍ରଳୟର ଦ୍ୱାର । କେ ଅଟେ ବ୍ରହ୍ମାଣ୍ଡ ଠାକୁର ॥ ୮୮ ॥

ଶ୍ରୀ ଭଗବାନୁବାଚ ॥ ୮୯ ॥

ଶୁଣ ଉଦ୍ଧବ ତତ୍ତ୍ୱଜ୍ଞାନ । ଯେଣୁ ଲଭିବୁ ମୋ ଚରଣ ॥ ୯୦ ॥
ଅଧଃ ଜୀବନ ନିରାକାର । ଉର୍ଦ୍ଧ୍ୱ ପରମ ସୂକ୍ଷ୍ମସାର ॥ ୯୧ ॥
ଉତ୍ପତ୍ତି ପ୍ରଳୟଟି ଭ୍ରାନ୍ତି । ତେଣୁ ଜନ୍ମଇ ଏ ପ୍ରକୃତି ॥ ୯୨ ॥
ଉଦେ ଅସ୍ତଟି ଚଇତନ । ଚନ୍ଦ୍ରହିଁ ବୋଲେ ତାର ନାମ ॥ ୯୩ ॥
ଅକାର ଉକାର ମକାର । ତ୍ରିଶୁନ୍ୟ ଦେଖି ଆଜଘର ॥ ୯୪ ॥
ତ୍ରିବେଣୀ ଜୟ ମାତ୍ରା କହି । ତ୍ରିବେଣୀ ନାମେ ଧାର ବହି ॥ ୯୫ ॥
ଶ୍ରୁତି ଶବଦ ଶିବ ଶାନ୍ତି । ପ୍ରଳୟ ଦ୍ୱାର କାଳ ସ୍ତୁତି ॥ ୯୬ ॥
ସେ ନିରଞ୍ଜନ ନିରାକାର । ରଜ ବୀର୍ଯ୍ୟରୁ ସେ ବାହାର ॥ ୯୭ ॥
ଅକ୍ଷୟ ବୀଜ ତେଜ ବଳେ । ଦୁଃଖ ସୁଖ ଏ ବେନି ଫଳେ ॥ ୯୮ ॥
ତ୍ରୟଧାତୁରେ ବୃକ୍ଷ ଟାଣ । ଚତୁର ଶିରେ ବଳବାନ ॥ ୯୯ ॥
ଏ ପଞ୍ଚଡାଳେ ପଞ୍ଚଭୂତେ । ବସନ୍ତି ଭୋଗ ରକ୍ଷା ଅର୍ଥେ ॥ ୧୦୦ ॥
ଷଡ଼ ଆତ୍ମାରେ ବୃକ୍ଷ ମୋଟ । ଏ ଷଡ଼ରସ ରୂପୀ ଦୁଷ୍ଟ ॥ ୧୦୧ ॥
ଶ୍ରବଣେ ନିନ୍ଦାସ୍ତୁତି ଶୁଣେ । ଏ ରସ ବୃକ୍ଷ ନିୟୋଜନେ ॥ ୧୦୨ ॥
ନୟନ ରୂପ ଅର୍ଥ ପାଇଁ । ଅଶେଷ ମାର୍ଗେ ଭ୍ରମୁଥାଇ ॥ ୧୦୩ ॥
ନାସିକା ଗନ୍ଧ ଆମୋଦନ । ଭ୍ରମଇ ନାନା ବାସସ୍ଥାନ ॥ ୧୦୪ ॥
କ୍ଷୁଧା ଅନଳ ଧରେ ପେଟେ । କୁବାକ୍ୟ ମୁଖେ ନିତ୍ୟ ରଟେ ॥ ୧୦୫ ॥
ଇନ୍ଦ୍ରି ଧରଇ ପୁଣି ବଳେ । ଭ୍ରମଇ ମଇଥୁନ ଫଳେ ॥ ୧୦୬ ॥
ଏ ଷଡ଼ରସ ବୃକ୍ଷ ଧରେ । ସମତ୍ୱ ତ୍ୱକ ବେଢ଼ିବାରେ ॥ ୧୦୭ ॥
ଚର୍ମ ଭିତରେ ଲୋମମୂଳେ । ଲେପନ ରକ୍ତ ମାଂସ ଜଳେ ॥ ୧୦୮ ॥
ଶିରାସଙ୍କୁଳ ଅସ୍ଥି ଗଣ୍ଠି । ସପ୍ତ ବକଳ ବୃକ୍ଷ ଫୁଟି ॥ ୧୦୯ ॥
ଅଷ୍ଟ ମୁରତି ଘେନି ଡାଳେ । ପୃଥିବୀ ପବନ ଅନଳେ ॥ ୧୧୦ ॥
ଆକାଶ ତେଜ ବୁଦ୍ଧି ଘେନି । ଅହଙ୍କାର ଏ ବୃକ୍ଷ ଜାଣି ॥ ୧୧୧ ॥
ନବ ଖଣ୍ଡରେ ବୃକ୍ଷ ଶୋଭା । ଦଶଟି ଖେଦ ଯହିଁ ପ୍ରଭା ॥ ୧୧୨ ॥
ଏମନ୍ତ ଅଟେ ବୃକ୍ଷସ୍ଥାନ । ବସନ୍ତି ବେନି ପକ୍ଷୀ ଶୂନ୍ୟ ॥ ୧୧୩ ॥
ଜୀବ ପରମ ବେନି ଅଂଶେ । ବୃକ୍ଷ ଭେଦିଣ ପରକାଶେ ॥ ୧୧୪ ॥
ବୃକ୍ଷର ନାମଟି ଜୀବନ । ଜୀବ ବିହୀନେ ବୃକ୍ଷ କ୍ଷୀଣ ॥ ୧୧୫ ॥
ଶ୍ୱେତ ଶରୀରେ ଶ୍ୱେତ ଜଳ । ପରମ ନାମେ ଆଦିମୂଳ ॥ ୧୧୬ ॥
ନୀଳ ସ୍ୱରୂପେ କୃଷ୍ଣବର୍ଣ୍ଣ । ଜୀବର ଏ ବର୍ଣ୍ଣ ଲକ୍ଷଣ ॥ ୧୧୭ ॥
ପରମ ବୋଲି ଯାକୁ କହି । ଜୀବହିଁ ସେହି ଯେ ଅଟଇ ॥ ୧୧୮ ॥
ଏକ ପାଖୁଡ଼ା ବେନିଖଣ୍ଡ । ଶଶୀକି ଅନ୍ତର ପ୍ରଚଣ୍ଡ ॥ ୧୧୯ ॥
ତେଣୁ ଜୀବ ପରମ ଦୁଇ । କେହି କାହାକୁ ନ ଦେଖଇ ॥ ୧୨୦ ॥
ଶବଦ ମାତ୍ରକ ବାରଇ । ଶବଦୁ ବେଦ ଉଦ୍‌ଗାରଇ ॥ ୧୨୧ ॥
ବେଦୁ ଶବଦ ଏ ବ୍ରହ୍ମାଣ୍ଡ । ପ୍ରଥିବୀ ନବଲକ୍ଷ ଖଣ୍ଡ ॥ ୧୨୨ ॥

| | | | |
|---|---|---|---|
| ଅଧିକୁଁ ଅଧିକ ଯେତେକ | । | ଏମନ୍ତେ କହିବି କେତେକ | ॥ ୧୨୩ ॥ |
| ଶୁଣି ଉଦ୍ଧବ ଶାନ୍ତ ଚିତ୍ତେ | । | ପ୍ରମାଣ କଲାକ ତୁରିତେ | ॥ ୧୨୪ ॥ |
| ଦ୍ୱାରକା କହିଲେ ଗୋବିନ୍ଦ | । | ଶ୍ରୀମଭାଗବତ ତେରସ୍କନ୍ଧ | ॥ ୧୨୫ ॥ |
| ବ୍ରହ୍ମାଣ୍ଡ ମଧ୍ୟେ ମହାରସ | । | ଦ୍ୱାରକା ଜଗନ୍ନାଥ ଦାସ | ॥ ୧୨୬ ॥ |

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
ନାମ ଦ୍ୱିତୀୟୋଦ୍ଧ୍ୟାୟଃ ॥

***

## ॥ ତୃତୀୟ ଅଧ୍ୟାୟ ॥

### ଉଦ୍ଧବ ଉବାଚ

| | | | |
|---|---|---|---|
| ଉଦ୍ଧବ କହେ କରଯୋଡ଼ି | । | କୃଷ୍ଣ ଚରଣ ତଳେ ପଡ଼ି | ॥ ୦୧ ॥ |
| ଏକ ବ୍ରହ୍ମାଣ୍ଡଠାରୁ ଯୁଗ | । | ତ୍ରୟ ଦେବତା କରେ ଭୋଗ | ॥ ୦୨ ॥ |
| ଅନେକ ବ୍ରହ୍ମାଣ୍ଡ ବୋଇଲ | । | ଏଣୁ ସଂଶୟ ଜାତ କଲ | ॥ ୦୩ ॥ |
| କି ରୂପେ ଅନନ୍ତ ବ୍ରହ୍ମାଣ୍ଡ | । | ନିର୍ମାଣ କଲ କେତେ ଖଣ୍ଡ | ॥ ୦୪ ॥ |
| | | ଶ୍ରୀ ଭଗବାନ ଉବାଚ | ॥ ୦୫ ॥ |
| କହନ୍ତି ଶ୍ରୀମଧୁସୂଦନ | । | ଶୁଣ ହେ ଭକତ ରତନ | ॥ ୦୬ ॥ |
| ମହା ଶୂନ୍ୟରେ ଯେବେ ଥିଲା | । | ଓଁକାର ତହୁଁ ଜନମିଲା | ॥ ୦୭ ॥ |
| ଓଁକାର ରୂପେ ଥିଲା ବେଦ | । | କେହି ନଜାଣେ ତାର ଭେଦ | ॥ ୦୮ ॥ |
| ଓଁକାର ବତ୍ରିଶ ଅକ୍ଷର | । | ବତ୍ରିଶାକ୍ଷର ମୂଳ ତାର | ॥ ୦୯ ॥ |
| ଚବିଶାକ୍ଷର ବେଦମାତା | । | ଓଁକାର ସବୁଙ୍କର ପିତା | ॥ ୧୦ ॥ |
| ଏ ବେନି ଜନଙ୍କର ରସ | । | ଶକ୍ତି ପ୍ରେମରୁ ଅପ୍ରକାଶ | ॥ ୧୧ ॥ |
| ତାହାଙ୍କ ତହୁଁ ସେ ଶବଦ | । | ଅନନ୍ତ ରୁପେ ମହାନାଦ | ॥ ୧୨ ॥ |
| ବ୍ରହ୍ମାଣ୍ଡ କୋଟି ନବଖଣ୍ଡେ | । | ରୋମକେ କୋଟିଏ ବ୍ରହ୍ମାଣ୍ଡ | ॥ ୧୩ ॥ |
| ଚବିଶସସ୍ର ବ୍ରହ୍ମାଣ୍ଡରେ | । | ଏ ସର୍ବ ବିଷ୍ଣୁଙ୍କ ଉଦରେ | ॥ ୧୪ ॥ |
| କେମନ୍ତେ କହିବି ବ୍ରହ୍ମାଣ୍ଡ | । | ମୂଳ ଅଟେ ଚଉଦ ଖଣ୍ଡ | ॥ ୧୫ ॥ |
| ପ୍ରଥମ ଖଣ୍ଡ ଯାହା ହେଲା | । | ଖଣ୍ଡକୁ ବେନିଖଣ୍ଡ କଲା | ॥ ୧୬ ॥ |
| ତିନି ଖଣ୍ଡ ତା ପୁଣ ହୋଇ | । | ଚାରି ଖଣ୍ଡ ଯେ ଶୁଣ ତୁହି | ॥ ୧୭ ॥ |
| ପାଞ୍ଚ ପୁତ୍ରକୁ ପାଞ୍ଚ ଖଣ୍ଡ | । | ପୁଣି ସପତ ଯେ ବ୍ରହ୍ମାଣ୍ଡ | ॥ ୧୮ ॥ |
| ଚଉଦ ଖଣ୍ଡ ଏହିମତେ | । | ସଂକ୍ଷେପି କହିଲୁ ଗୁପତେ | ॥ ୧୯ ॥ |
| ସବୁ ବ୍ରହ୍ମାଣ୍ଡେ ଏହି ପୂଜା | । | ମୁହିଁ ସକଳ ଦେବରାଜା | ॥ ୨୦ ॥ |
| ମୋହର ଆୟତ ସକଳ | । | ମୋ ବିନୁ ସବୁ ଯେ ନିଷ୍ଫଳ | ॥ ୨୧ ॥ |
| ମୁଁ ଆତ୍ମା ସଦାନନ୍ଦ ଦେହୀ | । | ମୋ ବିନୁ ସତ୍ୟ ନୁହେଁ କେହି | ॥ ୨୨ ॥ |
| ମୁହିଁ ସକଳ ବ୍ରହ୍ମାଣ୍ଡରେ | । | ସଞ୍ଚିତ ପ୍ରକୃତି ସଙ୍ଗରେ | ॥ ୨୩ ॥ |
| ଏଣୁ ମୁଁ ପ୍ରକୃତିର ପତି | । | ବ୍ରହ୍ମା ସ୍ୱରୂପେ ମୋର ସ୍ଥିତି | ॥ ୨୪ ॥ |
| ପ୍ରକୃତି ମୋହଠାରୁ ଜାତ | । | ସେ ସର୍ବ ସଞ୍ଚଇ ଜଗତ | ॥ ୨୫ ॥ |
| ପ୍ରକୃତି ପୁରୁଷ ମୁଁ କାଳ | । | ଏ ତିନି ଅଟେ ଏକ ତାଳ | ॥ ୨୬ ॥ |

ଏଣୁ ଜନ୍ମିଲେ ଏକାଦଶ । ତହୁଁ ଉତ୍ପତ୍ତି ପଞ୍ଚବିଂଶ ॥ ୨୭ ॥
ଏ ସର୍ବ ହୁଏ ଏକ ମେଳେ । କେବେ ହେଁ ନ ରହେ ନିଶ୍ଚଳେ॥ ୨୮ ॥
ଜନ୍ମନ୍ତେ ଷଡ଼ରଜ ଘେନି । ବଢ଼ାନ୍ତି କାମକ୍ରୋଧ ବେନି ॥ ୨୯ ॥
ଏଣେ ପ୍ରବୃତ୍ତି ଧର୍ମ କହି । ନିବୃତ୍ତି ଧର୍ମ ଶୁଣ ତୁହି ॥ ୩୦ ॥
ଏ ବ୍ରହ୍ମ ବିକଳ୍ପ କଳ୍ପିତ । କାଳ କଳ୍ପନା ହୋଇ ଜାତ ॥ ୩୧ ॥
ପ୍ରଥମେ ଜାଣ ସତ୍ୟଯୁଗ । ବ୍ରହ୍ମରୁ ଜନ୍ମ ଦୁଇଭାଗ ॥ ୩୨ ॥
ପ୍ରଥମ ଭାଗେ ଯେ ପ୍ରକୃତି । ଦ୍ୱିତୀୟେ ପୁରୁଷ ଉତ୍ପତ୍ତି ॥ ୩୩ ॥
ଯେ ଭାଗ ପ୍ରକୃତି ରୂପେଣ । ସୃଷ୍ଟି ଉତ୍ପତ୍ତିର କାରଣ ॥ ୩୪ ॥
ପୁରୁଷ ଷଡ଼ରୂପେ ଥାଇ । ପ୍ରକୃତି ସୃଷ୍ଟି ଉପୁଜଇ ॥ ୩୫ ॥
ଏକଇ ବ୍ରହ୍ମ ବେନି ଖଣ୍ଡ । ଜନ୍ମିଲା ବେନିରୁ ବ୍ରହ୍ମାଣ୍ଡ ॥ ୩୬ ॥
ବ୍ରହ୍ମାଣ୍ଡ ମଧ୍ୟେ ବେନି ଗୁଣ । ଜନ୍ମିଲେ ଇନ୍ଦ୍ରିୟ ପ୍ରସଙ୍ଗେ ॥ ୩୭ ॥
ପଚିଶ ପ୍ରକୃତି ହକାରି । ପଞ୍ଚମନକୁ ସଙ୍ଗେ କରି ॥ ୩୮ ॥
ଅନ୍ତରେ ଥିଲା ରଜ ଗୁଣ । ତହୁଁ ଜନ୍ମିଲେ ଦେବଗଣ ॥ ୩୯ ॥
ଏ ସବୁ ଜନ୍ମ ବେନିଗୁଣେ । ଶୁଣ ଉଦ୍ଧବ ସାବଧାନେ ॥ ୪୦ ॥
ମୁହିଁ ଶୟନ ମହାଜଳେ । ଜନ୍ମିଲା ନାଭିରୁ କମଳେ ॥ ୪୧ ॥
ସେ ପଦ୍ମୁ ବ୍ରହ୍ମା ଅବତାର । ଯୋଗବଳେ କଲେ ସଂସାର ॥ ୪୨ ॥
ପ୍ରଥମେ ଜାତ ପୂର୍ବ ମୁଖ । ତହିଁରୁ ରକବେଦ ଦେଖ ॥ ୪୩ ॥
ଉତ୍ତର ମୁଖୁ ବେଦ ହୋଇ । ଯଜୁର୍ବେଦ ଯେ ଜନମଇ ॥ ୪୪ ॥
ଦକ୍ଷିଣ ମୁଖରୁ ତଦନ୍ତ । ସାମବେଦ ତହିଁରୁ ଜାତ ॥ ୪୫ ॥
ପଶ୍ଚିମ ମୁଖୁ ଜାତ ହେଲା । ତହିଁ ଅଥର୍ବ ଧ୍ୱନି କଲା ॥ ୪୬ ॥
ମଧ୍ୟ ଶୂନ୍ୟରେ ମିଳି ବଳେ । କଳ୍ପିଲା ଭୁବନ ମଣ୍ଡଳେ ॥ ୪୭ ॥
ଦ୍ୱିସପ୍ତପୁର ଅଧଃ ଊର୍ଦ୍ଧ୍ୱେ । ଛନ୍ଦିଲା ଗାୟତ୍ରୀରୁ ଛନ୍ଦେ ॥ ୪୮ ॥
ସୂକ୍ଷ୍ମରୁ ସ୍ୱର୍ଲୋକ ସୃଜିଲା । ଭୂଲୋକ ଭୂମିଜାତ କଲା ॥ ୪୯ ॥
ପୁଣି ଚାହିଁଲା ଊର୍ଦ୍ଧ୍ୱ ମୁଖେ । ବିଲୋକ ସଞ୍ଚିଲାକ ସୁଖେ ॥ ୫୦ ॥
ଊର୍ଦ୍ଧ୍ୱ ମୁଖରେ ପୂର୍ଣ କଲା । ମହା ମନୁଷ୍ୟ ଉପୁଜିଲା ॥ ୫୧ ॥
ପୁଣି କଳ୍ପିଲା ଯୋଗବେଳେ । ତପଲୋକ କଲା ନିଶ୍ଚଳେ ॥ ୫୨ ॥
ପୁଣି ହିଁ ଅଧୋମୁଖେ ଚାହିଁ । ପାତାଳ ତା ତଳ ଭିଆଇ ॥ ୫୩ ॥
ପୁଣି ଊର୍ଦ୍ଧରେ ଦୃଷ୍ଟିଦେଲା । ସତ୍ୟଧ୍ରୁବମଣ୍ଡଳ ହେଲା ॥ ୫୪ ॥
ପୁଣି ଅଧୋମୁଖରେ ଚାହିଁ । ତଳାତଳ ତା ତଳ ହୋଇ ॥ ୫୫ ॥
ପୁଣି ସେ ବ୍ରହ୍ମଲୋକ କଲା । ରସାତଳ ପୁଣି ସୃଜିଲା ॥ ୫୬ ॥
ଏଣୁ ସେ ଚତୁର୍ଦ୍ଦଶ ପୁର । ପ୍ରକୃତି ସଞ୍ଚିଲା ସଂସାର ॥ ୫୭ ॥
ଏହି ଯୁଗରେ ମୋ ନିବାସ । ଯହିଁରୁ ପ୍ରକୃତି ପୁରୁଷ ॥ ୫୮ ॥
ସହସ୍ର କିରଣ ଯେ ବାଡ଼ । ଅଗମ୍ୟ ଭୂମି ମିଯହିଁ ଗୁଢ଼ ॥ ୫୯ ॥
ସର୍ବଦା ଜ୍ୟୋତିର୍ମୟ ପୁର । ଗମି ନ ପାରି ସୁରନର ॥ ୬୦ ॥
ତହିଁରେ ଦଶ ଦିଗ ନାହିଁ । ମନ ପବନ ନ ଗମଇ ॥ ୬୧ ॥
ରବି ଶଶାଙ୍କ ଅଗୋଚର । ଭବ ବିରଞ୍ଚି ସୁନାସୀର ॥ ୬୨ ॥

ଏମାନେ ଗମି ନ ପାରନ୍ତି । ଦୁର୍ଗମ ଦେଖି ବାହୁଡ଼ନ୍ତି ॥ ୬୩ ॥

ଉଦ୍ଧବ ଉବାଚ

ଉଦ୍ଧବ ବୋଇଲେ ମୁରାରୀ । କିମ୍ପାଇଁ ଗମିଣ ନ ପାରି ॥ ୬୪ ॥
କି ଅବା ପଥ ତେଣେ ନାହିଁ । ଏହା କହିବ ଭାବଗ୍ରାହୀ ॥ ୬୫ ॥

ଶ୍ରୀ ଭଗବାନୁବାଚ

ବୋଲନ୍ତି କମଳ ଲୋଚନ । ଶୁଣ ଉଦ୍ଧବ ସାବଧାନ ॥ ୬୬ ॥
ଧ୍ରୁବ ଲୋକର ଯାଏ ବାଟ । ଯିବା ଆସିବା ଲୋକେ ଭେଟ ॥ ୬୭ ॥
ଯିଏ ସେ ତପସ୍ୟା କରଇ । ଧ୍ରୁବ ମଣ୍ଡଳ ଯାଏ ଯାଇ ॥ ୬୮ ॥
ତେଣିକି ନ ଦିଅଇ ପଥ । ହସି କହନ୍ତି ଜଗନ୍ନାଥ ॥ ୬୯ ॥
ଧ୍ରୁବ ମଣ୍ଡଳ ମାପ ହୋଇ । ଦ୍ୱାଦଶ ଯୂଣ ପଥ କହି ॥ ୭୦ ॥
ସୂଚି ମୁନରେ ସରୁ ବାଟ । ଯିବାକୁ ବହୁତ ସଙ୍କଟ ॥ ୭୧ ॥
ଚାରି ଯୋଜନ ଦ୍ୱାରେ ଯାଇ । ତହୁଁ ସୂକ୍ଷ୍ମ ପଥ ଅଟଇ ॥ ୭୨ ॥
ପୁଣି ଚାରି ଯୋଜନ ଦ୍ୱାର । ତହିଁରୁ ସରୁ ପଥ ତାର ॥ ୭୩ ॥
ତହିଁରୁ ଚାରିଯୂଣ ବାଟ । ଲେଶ ପ୍ରମାଣେ ପଥ କଷ୍ଟ ॥ ୭୪ ॥
ତେତେକ ଯହୁଁ ଗମି ଯାଇ । ତେବେ ମୋ ଭୁବନେ ମିଳଇ ॥ ୭୫ ॥
ଯେ ଭୂମି ବିସ୍ତାର ଅପାର । ଚୌରାଶି କାଠି ଦୀର୍ଘ ତାର ॥ ୭୬ ॥
ପ୍ରତି ତା ଦଶ ଲକ୍ଷ କାଠି । ତହିଁ ମଧ୍ୟରେ ଯେ ବଇଠି ॥ ୭୭ ॥
ବଇଠି ଉପରେ ମୋ ସ୍ଥାନ । ଠୁଳ ଆକାରେ ମୋ ଆସନ ॥ ୭୮ ॥
ମାୟା ପ୍ରକଟ ରୂପ ହୋଇ । ଆହୁଟ କୋଟିନୃପ ସେହି ॥ ୭୯ ॥
ପ୍ରତି ଆହୁଟ କୋଟି କଲା । ସେ ମାୟା ବ୍ରହ୍ମ ବୋଲାଇଲା ॥ ୮୦ ॥
ତାହାର ଆଗେ ମୁଁ ଗୁପତ । ନ ଦିଶେ ଶିର ପାଦ ହସ୍ତ ॥ ୮୧ ॥
ଦେହ ନିର୍ଣ୍ଣୟେ ଗଣ୍ଡ ମୁଖ । ନ ଦିଶେ ମୋର ରୂପରେଖ ॥ ୮୨ ॥
ଯେ ଅବା ଗମେ ଭକ୍ତିବଳେ । ମାୟା ବ୍ରହ୍ମକୁ ଦେଖିଡୋଳେ ॥ ୮୩ ॥
ତାହାର କୃଷ୍ଣ ଭକ୍ତି ଭୂତେ ତେ । ପଶଇ ନିସ୍ତାର ନିମନ୍ତେ ॥ ୮୪ ॥
ଅନେକ ଦିନେ ମୋତେ ପାଇ । ଶୁଣ ଉଦ୍ଧବ ଜ୍ଞାନ କହି ॥ ୮୫ ॥
ଶୁଣି ଉଦ୍ଧବ ବିରସିତ । ମନରେ ହୋଇଲା ଆରତ ॥ ୮୬ ॥
କୃଷ୍ଣ ଚରଣ ତଳେ ପଡ଼ି । ବୋଲଇ ବେନି କରଯୋଡ଼ି ॥ ୮୭ ॥
ଭୟ ଲାଗିଲା ମୋତେ ହରି । କେମନ୍ତେ ଭବୁ ହେବି ପାରି ॥ ୮୮ ॥
ଏଡ଼େ ଅଗମ୍ୟ ଯେଉଁ ପଥ । କେ ଅବା ଯିବାକୁ ସମର୍ଥ ॥ ୮୯ ॥
ତୋ ଭକ୍ତ କେମନ୍ତେ ଗମିବ । ଏ କଥା କହ ହେ ମାଧବ ॥ ୯୦ ॥
ତିନି ଦ୍ୱାରରେ କିଳେ ଦ୍ୱାରୀ । କେମନ୍ତେ ଛାଡ଼ିଦିଏ ହରି ॥ ୯୧ ॥
ଏକଥା ସଂଶୟ ମୋ ଖେଦ । ଜ୍ଞାନ ଖଡ଼ଗେ ନାଥ ଛେଦ ॥ ୯୨ ॥

ଶ୍ରୀ ଭଗବାନୁବାଚ

ଧ୍ରୁବ ମଣ୍ଡଳ ପରେ ଯାଇ । ଚାରି ଯୋଜନ କ୍ଷେତ୍ର ସେହି ॥ ୯୩ ॥
ସୂଚି ମୁନର ପ୍ରାୟ ବାଟ । ଲାଗିଛି ତିଳେକ କବାଟ ॥ ୯୪ ॥
ବଳଭଦ୍ର ତହିଁ ଦୁଆରୀ । ରେବତୀ ସଙ୍ଗରେ ବିହରି ॥ ୯୫ ॥

ବଟ ସ୍ୱରୂପେ ସେ ବିରାଟ । ନାମ ଦେବନାଶନ ବଟ ॥ ୯୬ ॥
ଗିରି ଯୋଜନ ପଥ ଯେଟି । କାରୁଣ୍ୟ ଜଳ ବୋଲି ସେଟି ॥ ୯୭ ॥
ସେ ହିମାଳୟ ହିମମୟ । ଅସତ୍ୟ ଲୋକେ ହୋନ୍ତି କ୍ଷୟ ॥ ୯୮ ॥
ଧ୍ରୁବ ମଣ୍ଡଳୁ ଚାରିଯୁଣ । ତାହାକୁ ବୋଲି ଅର୍ଦ୍ଧଶୂନ୍ୟ ॥ ୯୯ ॥
ଚାରିଯୁଣ ଉପରେ ବାଟ । ଦେବନାଶନ ନାମେ ବଟ ॥ ୧୦୦ ॥
ତେଣିକି ଚାରିଯୁଣ ପଥ । ସେ ପଥ ଅତି ଆଲୋକିତ ॥ ୧୦୧ ॥
ସୂଚି ମୁନରୁ କୋଟି ଅଂଶେ । ପଥ ଫିଟିଛି ସେ ନ ଦିଶେ ॥ ୧୦୨ ॥
ସେ ଚାରିଯୁଗ ଅନ୍ଧକାର । ତହିଁ ଉପରେ ଅଛି ଦ୍ୱାର ॥ ୧୦୩ ॥
ତହିଁ ସୁଜାଣ ନାମେ ଅହି । ଦ୍ୱାର ଆବୋରି ଅଛି ରହି ॥ ୧୦୪ ॥
ମାଙ୍କଡ଼ସା ସୂତା ପରାୟେ । ଶରୀର ଏଡ଼େ ମୋଟ ହୁଏ ॥ ୧୦୫ ॥
ଲାଞ୍ଜ ମୁଣ୍ଡ ତା ଏକଠାଇଁ । ବସିଛି ପୂର୍ବକୁ ଅନାଇ ॥ ୧୦୬ ॥
ବଟ ଦୁଆର ଚାରିଯୁଣ । ଅନଳ ସେହୁ ମହାଶୂନ୍ୟ ॥ ୧୦୭ ॥
ଯେହୁ ଅନଳ ଜିଣିଯାଇ । ଅହି ଦ୍ୱାରୀକୁ ଭେଟ ପାଇ ॥ ୧୦୮ ॥
ତେଣିକି ଯେଉଁ ଚାରିଯୂଣ । ଲେଶ ପ୍ରମାଣେ ପଥଜାଣ ॥ ୧୦୯ ॥
ସୂଚି ମୁନର କୋଟି ଅଂଶେ । କୋଟି ଅଂଶରୁ ବାଟ ଲେଶେ ॥ ୧୧୦ ॥
ସେ ଚାରିଯୁଣ ଅଧକାର । ନାସ୍ତି ଭୂମି ଅଗମ୍ୟପୁର ॥ ୧୧୧ ॥
ସେ ଚାରିନାମ ଗୁଣାଗୁଣ । ତାହାର ନାମ ଅର୍ଦ୍ଧଶୂନ୍ୟ ॥ ୧୧୨ ॥
ଚାରିଗୁଣ ଉପରେ ଠଣା । ଦ୍ୱାରୀ ଅଟଇ ତା କଳ୍ପନା ॥ ୧୧୩ ॥
ଯୋଗମାୟା ତ୍ରିପୁରା ଜାଣ । ସୁର ନରଙ୍କୁ ଅନୁପମ ॥ ୧୧୪ ॥
ତେଣିକି ଚଉରାଶି କାଠି । ଗମିଲେ ମାୟା ବ୍ରହ୍ମଭେଟି ॥ ୧୧୫ ॥
ମାୟା ବ୍ରହ୍ମ ଆହୁଟ କୋଟି । ଏହା ଗମିଲେ ମୋତେଭେଟି ॥ ୧୧୬ ॥
ଅଦୃଷ୍ଟ ଅଶ୍ରୁତ ଏ ଜାଣ । ଜ୍ଞାନ ଲୋଚନେ ଦରଶନ ॥ ୧୧୭ ॥
ଏଡ଼େ ଦୁର୍ଗମ ପଥ ଖଣ୍ଡି । ବ୍ରହ୍ମାଦି ବ୍ରହ୍ମରୂପେ ଭଣ୍ଡି ॥ ୧୧୮ ॥
ଜ୍ଞାନକୁ ଆନ ନ ଜାଣଇ । ତାହା ତୁ ଶୁଣ ମନ ଦେଇ ॥ ୧୧୯ ॥
ଏ ଯେ ପରମ ତତ୍ତ୍ୱ ଯୋଗ । ଶୁଣନ୍ତେ ଖଣ୍ଡେ ଭବରୋଗ ॥ ୧୨୦ ॥
ଯେବା ପଣ୍ଡିତ ଜ୍ଞାନୀଜନ । ତାହାର ଥାଏ ଏହି ଜ୍ଞାନ ॥ ୧୨୧ ॥
ଅନ୍ୟ ଲୋକଙ୍କୁ ଏହୁ ଦ୍ୱନ୍ଦ୍ୱ । ଦିବସ ରାତ୍ର ସମ ଅନ୍ଧ ॥ ୧୨୨ ॥
ଉଦ୍ଧବ ଦ୍ୱାରକା ଶ୍ରବଣେ । ଦ୍ୱାରକା ଜଗନ୍ନାଥ ଭଣେ ॥ ୧୨୩ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ବୈକୁଣ୍ଠ ବର୍ଣ୍ଣନେ ଶ୍ରୀକୃଷ୍ଣ
ଉଦ୍ଧବ ସମ୍ବାଦେ ନାମ ତୃତୀୟୋଦ୍ଧ୍ୟାୟଃ ॥

***

## ॥ ଚତୁର୍ଥ ଅଧ୍ୟାୟ ॥

### ଶ୍ରୀ ଭଗବାନୁବାଚ

ଉଦ୍ଧବ ଶୁଣ ତତ୍ତ୍ୱ ଜ୍ଞାନ । ପୁଚ୍ଛିଲ ପରଂବ୍ରହ୍ମ ଜ୍ଞାନ ॥ ୦୧ ॥
ନାମ ସୁହୃଦ ଜ୍ଞାନବନ୍ତ । ରିପୁ ବାତ୍ସଲ୍ୟ ବିସର୍ଜିତ ॥ ୦୨ ॥
କାମ କ୍ରୋଧକୁ ପରିହରି । ମନ୍ଦ ସ୍ୱଭାବ ଦୂର କରି ॥ ୦୩ ॥

ଶୁଦ୍ଧ ଅନ୍ତର ବାଛି ତୁହି । ସମ ଦରଶୀ ସତ୍ୟେ ଥାଇ ॥ ୦୪ ॥
ହିଂସା ଅଇରି ପକ୍ଷ ଦୁଇ । ଯେହୁ ଇନ୍ଦ୍ରିୟ ବଶ ନୋହି ॥ ୦୫ ॥
ପ୍ରକୃତି ଅବଶ ଅସଙ୍ଗୀ । ନିର୍ଲୋଭ ଦୟା ପ୍ରେମଅଙ୍ଗୀ ॥ ୦୬ ॥
ବଚନ ଗଦଗଦ କରେ । ଘନ ଗର୍ଜନ ଉଚ୍ଚ ସ୍ୱରେ ॥ ୦୭ ॥
ଲୋମ ପୁଲକ ତନୁ କରେ । ଲକ୍ଷ୍ୟ ଲକ୍ଷକ ପରିହରେ ॥ ୦୮ ॥
ଅନ୍ତରେ ଦ୍ରବଇ ନିରତେ । ମତି ଚଞ୍ଚଳ ବିପରୀତେ ॥ ୦୯ ॥
କୀର୍ତ୍ତନ ଶ୍ରବଣ ସ୍ମରଣ । ବନ୍ଦଇ ଅର୍ଚ୍ଚନ ମଣ୍ଡନ ॥ ୧୦ ॥
ସାତ୍ତ୍ୱିକ କୋମଳତା ଭାଷା । କୁବାକ୍ୟ ନ କରଇ ହିଂସା ॥ ୧୧ ॥
ଦୁର୍ଜନ ବାକ୍ୟ ପ୍ରହାରଣେ । ଅମୃତ ପ୍ରାୟ ତାହାମଣେ ॥ ୧୨ ॥
ଶ୍ୱାନ ଶୃଗାଳ ବାଜୀ ଗଜେ । ସ୍ୱପନେ ମୋକ୍ଷ ଦ୍ୱିଜାଦ୍ୱିଜେ ॥ ୧୩ ॥
ସ୍ତିରୀ ବାଳକ ବୃଦ୍ଧ ଯୁବା । ଅଗ୍ରତେ ମିଳିଲେ ଯେ ଅବା ॥ ୧୪ ॥
ଦେଖି ବୋଲିବ ନମସ୍କାର । ଘେନିବ ପଦରଜ ଶିର ॥ ୧୫ ॥
ମନରେ ବିଷ୍ଣୁଭାବ ମଣି । ସାଷ୍ଟାଙ୍ଗେ ଶୋଇବ ଧରଣୀ ॥ ୧୬ ॥
ଏହାର ଯେତେ ଗୁଣ ଦୋଷ । ଆତ୍ମାରେ ନ ଧରିବ ଲେଶ ॥ ୧୭ ॥
ଲାଜ ଲକ୍ଷଣ ଦୂର କରି । ଭକତ ଭାବେ ଅନୁସରି ॥ ୧୮ ॥
ଆନନ୍ଦ ମନେ ହୃଷ୍ଟ ଭାବ । ଜଗତ ଏକତ୍ୱ ମଣିବ ॥ ୧୯ ॥
ଏ ମୋର ଭକ୍ତର ଲକ୍ଷଣ । ଇତ୍ୟାଦି ଗୁଣ ତାର ପୁଣ ॥ ୨୦ ॥
ଜ୍ଞାନ ଜାଣଇ ଧୀର ମନେ । ବ୍ରହ୍ମ ଦରଶୀ ତତ୍ତ୍ୱଜ୍ଞାନେ ॥ ୨୧ ॥
ସେଲୋକ ବ୍ରହ୍ମ ଜ୍ଞାନେ ବୋଧି । ଭକ୍ତି ଅନ୍ତରେ ମୋକ୍ଷ ସିଦ୍ଧି ॥ ୨୨ ॥
ଏମନ୍ତ ଲୋକ ଅନ୍ତଃକାଳେ । ପ୍ରବେଶ ଧ୍ରୁବର ମଣ୍ଡଳେ ॥ ୨୩ ॥
ଦେଖିଣ ଶଙ୍ଖ ଚକ୍ର ଚିହ୍ନ । ଖଗ କରଇ ତାକୁ ମାନ୍ୟ ॥ ୨୪ ॥
ଗରୁଡ଼ ଦେଖି ତୋଷ ହୋଇ । ପିଠିରେ ବସାଇ ଆଣଇ ॥ ୨୫ ॥
ବାଟେ ଦେଖଇ ଚିହ୍ନ ମୋର । ହୁଅଇ ସେହୁ ନମସ୍କାର ॥ ୨୬ ॥
ପାଛୋଟି ଆସି ଘେନି ଯାଇ । ଯେ ବନ୍ଦାପନା ନିଯୋଗାଇ ॥ ୨୭ ॥
ତହୁଁ ଅନଳ ଚାରିଯୁଣ । ଗମଇଁ ଈକ୍ଷିତ ପ୍ରମାଣ ॥ ୨୮ ॥
ଅହି ଦେଖଇ ଦୂରୁ ଆସୁ । ପାଦେ ପଡ଼ଇ ମୋ ସକାଶୁ ॥ ୨୯ ॥
ତହୁଁ ଅନ୍ଧକାର ଜାଣଇ । ଅପରେ ସୁଦୃଶ୍ୟ ନ ଥାଇ ॥ ୩୦ ॥
କଳ୍ପନା ଦ୍ୱାରେ ପରବେଶ । ଦେଖି ତ୍ରିପୁରା ମନ ତୋଷ ॥ ୩୧ ॥
ସେ ମୁଣ୍ଡ ମାନ୍ୟ ଧର୍ମ କରେ । ତେବେ ପଶଇ ମୋର ପୁରେ ॥ ୩୨ ॥
ଅଙ୍ଗେ ହୁଅଇ ମୋର ଲୀନ । ଶୁଣ ଉଦ୍ଧବ ତତ୍ତ୍ୱଜ୍ଞାନ ॥ ୩୩ ॥
ଭକ୍ତକୁ ମେଳା ସେହି ବାଟ । ଦୁର୍ଜନ ଲୋକକୁ ସଙ୍କଟ ॥ ୩୪ ॥
ଧ୍ରୁବ ମଣ୍ଡଳ ପୁର କଥା । ତାହାକୁ ବୋଲି ଶ୍ୱେତଚିତା ॥ ୩୫ ॥
କାଉଁରୀ ମଣ୍ଡଳ ନାମରେ । ପାଟଣା ଶ୍ରୀହରି ତା ଶିରେ ॥ ୩୬ ॥
ତାର ଉପରେ ଗୋଲାହାଟ । ତହିଁର ଉପରେ ମୁରାଟ ॥ ୩୭ ॥
ତହିଁ ମଧ୍ୟରେ ଦିବ୍ୟପୁର । ଜ୍ୟୋତି ପରମମୟ ଘର ॥ ୩୮ ॥
ମୁହିଁ ବସଇ ତହିଁ ଯାଇ । ତୋତେ ମୁଁ ଦେଖାଇବି ନେଇ ॥ ୩୯ ॥
ତେଣୁ ପରମ ତତ୍ତ୍ୱଜ୍ଞାନୀ । ନିର୍ମାୟା ଭକ୍ତ ଭାବ ଘେନି ॥ ୪୦ ॥

ଏଣୁ ପଶିବୁ ମୋ ଶରୀରେ । ତୁମ୍ଭ ତପସ୍ୟା ବଦ୍ରିକାରେ ॥ ୪୧ ॥
ଏ ଘେନି ତୋର ଗୁଣ ବହି । ମୋତେ ଭଜିଲ ଆତ୍ମାଧ୍ୟାୟି ॥ ୪୨ ॥
ପରମ ମଙ୍ଗଳ ତୋ ନାମ । ହୋଇବ ପଶିଲେ ଶରଣ ॥ ୪୩ ॥
ମୁହିଁ ନେବଇଁ ତୋତେ ସଙ୍ଗେ । ଦେଖି ପଶିବୁ ବ୍ରହ୍ମ ଅଙ୍ଗେ ॥ ୪୪ ॥
ଶୁଣି ଉଦ୍ଧବ ଗଦଗଦ । ପାଇଲା ଶ୍ରୀମୁଖ ସମ୍ବାଦ ॥ ୪୫ ॥
ଆନନ୍ଦେ ଲୋତକ ବହଇ । ଉଦ୍ଧବ ଶିରେ କର ଦେଇ ॥ ୪୬ ॥
ପ୍ରଣାମ କରି ପାଦ ତଳେ । ବୋଲେ ଆନନ୍ଦ ପ୍ରେମ ଭୋଳେ॥ ୪୭ ॥
କେଉଁ ଜ୍ଞାନକୁ ତୁ ନିକଟ । ଅଳପେ ପାଇ କାହିଁ ଭେଟ ॥ ୪୮ ॥
ଅଳପ ସୁକ୍ଷ୍ମେ ସାଧକରି । ଏ ମାୟା ଘୋରୁ ଯିବିତରି ॥ ୪୯ ॥
ଅଣ ସାଧନା ଯେଉଁ ଜ୍ଞାନ । ତାହା କହ ହେ ଭଗବାନ ॥ ୫୦ ॥
ଏହା ପୁଚ୍ଛଇ ପାଦ ଧରି । ମୋହ ସଂସାରୁ କର ପାରି ॥ ୫୧ ॥
କହଇ ଦ୍ୱାରକା ଯେ ହରି । ଜଗନ୍ନାଥ ଦାସ ତୁମ୍ଭରି ॥ ୫୨ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
ଭକ୍ତିଲକ୍ଷଣେ ନାମ ଚତୁର୍ଥୋଦ୍ଧ୍ୟାୟଃ ॥

***

## ॥ ପଞ୍ଚମ ଅଧ୍ୟାୟ ॥

### ଶ୍ରୀ ଭଗବାନୁବାଚ

ଜ୍ଞାନ ପରମର ଏ ଭାଗ । ଅଣସାଧନା ଆତ୍ମାଯୋଗ ॥ ୦୧ ॥
ନିର୍ଗୁଣ ନିରଞ୍ଜନ ହରି । ଅଶେଷ ଭୂତରେ ବିହରି ॥ ୦୨ ॥
ଅବିଦ୍ୟା ଅଜପା ପରମ । ଅମାପ ଅନାହତ ବ୍ରହ୍ମ ॥ ୦୩ ॥
ଅଦୃଷ୍ଟ ଅଶ୍ରୁତି ଅନନ୍ତ । ଅବ୍ୟକ୍ତ ଅନାମ ଅଚ୍ୟୁତ ॥ ୦୪ ॥
ସକଳ କର୍ମରୁ ବାହାର । ଅଷ୍ଟାଙ୍ଗ ଯୋଗର ଉପର ॥ ୦୫ ॥
ଯହିଁ କିରଣ ଦୀପାବଳୀ । ରାତ୍ର ଦିବସ ହୁଳହୁଳି ॥ ୦୬ ॥
ଚନ୍ଦ୍ର କିରଣ ଯା ପାହାରୀ । ଶବଦ ହଜିବାର ପୁରୀ ॥ ୦୭ ॥
ସପତ ସିନ୍ଧୁ ଯହିଁ ବାଡ଼ । ଅଷ୍ଟରନ୍ଧ୍ରେ ଯେ ଉହାଡ଼ ॥ ୦୮ ॥
ଚାରିବେଦ ଯେ ଚାରିଦ୍ୱାରେ । ବସନ୍ତି ପୂର୍ବ ପଶ୍ଚିମରେ ॥ ୦୯ ॥
ଉତ୍ତର ଦକ୍ଷିଣ ଆବୋରି । ଦ୍ୱାରେ ଅଛନ୍ତି ବେଦ ଚାରି ॥ ୧୦ ॥
ଏ ଚାରି ମଧ୍ୟେ ଅଷ୍ଟଦିଗ । ତହିଁ ବସେ ଅଷ୍ଟାଙ୍ଗ ଯୋଗ ॥ ୧୧ ॥
ଦ୍ୱାଦଶ ଦ୍ୱାରେ ଦ୍ୱାରୀ ବାର । ଅଷ୍ଟାଙ୍ଗ ଗିରି ଶିଖେ ହର ॥ ୧୨ ॥
ହର ଶିରରେ ତିନି ନଦୀ । ବହି ଆସଇ ପୁର ଭେଦି ॥ ୧୩ ॥
ଇଅଁଳା ପିଁଅଁଳା ମଧରେ । ଗଙ୍ଗା ବହଇ ନିରନ୍ତରେ ॥ ୧୪ ॥
ତହିଁରେ ବେନିପକ୍ଷୀ ନିତ୍ୟେ । ବସନ୍ତି ରକ୍ଷା ଭୋଗ ଅର୍ଥେ ॥ ୧୫ ॥
ଭିତରୁ ପଶେ ଜୀବ ଅଂଶ । ଆସଇ ପରମ ପୁରୁଷ ॥ ୧୬ ॥
ଏ ଭେନି ବାହାର ଭିତରେ । ଆସି ମିଳନ୍ତି ସେ ବ୍ରହ୍ମରେ ॥ ୧୭ ॥
ବ୍ରହ୍ମ ଭକତି କଲେ ପାଇ । ଅଣ ସାଧନା ଧର୍ମ ଏହି ॥ ୧୮ ॥

ସବୁ ଯୋଗରୁ ସେ ଉଶ୍ୱାସ । ବାଟ ଜାଣିଲେ ପାଇ ରସ ॥ ୧୯ ॥
ନବଧା ଭକ୍ତିରୁ ଏ ସାର । ପାରିଲେ ଏହି ଭକ୍ତି କର ॥ ୨୦ ॥
କାଳେ ଉଶ୍ୱାସ ଏ ଅଟଇ । ଡରିଲେ ଏଥୁ ଗୁରୁ ନାହିଁ ॥ ୨୧ ॥
ଅଭକ୍ଷ ଭକ୍ଷିପାରୁ ଯେବେ । ଅମାପ ମାପିପାରୁ ତେବେ ॥ ୨୨ ॥
ସକଳ ଜନେ ଏକାକାର । ନ କରି ନ କଲେ ବିଚାର ॥ ୨୩ ॥
ବିକାର କଲେ ତା ନ ପାଇ । ଅଖଣ୍ଡ ଜ୍ଞାନ ଭୂମି ଏହି ॥ ୨୪ ॥
ତୋତେ କହିଲି ଏହି ଧର୍ମ । ପୂର୍ବେ ବାଲମୀକର କର୍ମ ॥ ୨୫ ॥
ଏ ଜ୍ଞାନ ସେହୁ ସାଧି କଲା । ଅଗମ୍ୟ ମାର୍ଗର ଏ ଥିଲା ॥ ୨୬ ॥
ଏ ଜ୍ଞାନ ହନୁ କଲା ଆଦ୍ୟ । ହେଲେ ଜିଣିଲା ସପ୍ତସିନ୍ଧୁ ॥ ୨୭ ॥
ଯେ ବ୍ରହ୍ମ ସାଧିପାରେ ମହୀ । ଅରୂପ ଭାବେ ବୋଧ ହୋଇ ॥ ୨୮ ॥
ସେ ଲୋକ ତିନିପୁରେ ଧନ୍ୟ । ଅନ୍ୟେ ଯେ ନକରଇ ମାନ୍ୟ ॥ ୨୯ ॥
ଶତ ପ୍ରତିମା ନ ମାନଇ । ଚଣ୍ଡୀ ଚାମଣ୍ଡା ନ ପୂଜଇ ॥ ୩୦ ॥
ଦୁର୍ଗା ବାସେଳୀ ଆଦି ହେଲା । ମହେଶ ପାର୍ବତୀ ମଙ୍ଗଳା ॥ ୩୧ ॥
ଭୁବନେଶ୍ୱରୀ ଶକ୍ତି ଦୀକ୍ଷା । ଏହା ନ କର ଜ୍ଞାନୀ ଶିକ୍ଷା ॥ ୩୨ ॥
ସେ ନିରଞ୍ଜନ ଦୀକ୍ଷା ସାର । ତାହା ସାଧଇ ନିରନ୍ତର ॥ ୩୩ ॥
ଭଜନ ଗାୟନ କୀର୍ତ୍ତନ । ଏହା ନ ଜାଣେ ଜ୍ଞାନୀଜନ ॥ ୩୪ ॥
ଏ ବ୍ରହ୍ମରୂପ ଭ୍ରମ ବୋଲି । ତେଣୁ ନ ମାନେ ଶାଳଶୀଳୀ ॥ ୩୫ ॥
ମନ୍ତ୍ର ଯନ୍ତ୍ରକୁ ନ ମାନଇ । ଓଁକାର ବ୍ରହ୍ମକୁ ଚିହ୍ନଇ ॥ ୩୬ ॥
ଏମନ୍ତ ଲୋକ ସେ ଭକତ । ଭକ୍ତି ମୁକତି ସମାପତ ॥ ୩୭ ॥
ପାପ ପୁଣ୍ୟ ତାହାର ନାହିଁ । ଉଦ୍ଧବ କହେ ଭାବଗ୍ରାହୀ ॥ ୩୮ ॥
କହେ ଦ୍ୱାରକା ଜଗନ୍ନାଥ । ଉଦ୍ଧବେ ଶ୍ରୀକୃଷ୍ଣ ଚରିତ ॥ ୩୯ ॥
ତେଣୁ ସୁଜନେ କର ଦୟା । ଏଣୁ ଖଣ୍ଡିବ ମୋହ ମାୟା ॥ ୪୦ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶ୍ଙ୍କେ ଏକାକ୍ଷର ଜ୍ଞାନ
କଥନେ ନାମ ପଞ୍ଚମୋଦ୍ଧ୍ୟାୟଃ ।

***

## ଷଷ୍ଠ ଅଧ୍ୟାୟ

### ଉଦ୍ଧବ ଉବାଚ

ଉଦ୍ଧବ କହେ ହୃଷୀକେଶ । କହିବ ତତ୍ତ୍ୱ ଉପଦେଶ ॥ ୦୧ ॥
ବୋଲ ଯେ ସର୍ବଭୂତେ ହରି । ଅନ୍ତର ବାହ୍ୟେ ଛନ୍ତି ପୁରି ॥ ୦୨ ॥
କେମନ୍ତେ ଜାଣିବି ମୁଁ ତାହା । ଜ୍ଞାନ ହେଉ ହେ ଚଉବାହା ॥ ୦୩ ॥
ଉଦ୍ଧବ ଶୁଣ ତତ୍ତ୍ୱଜ୍ଞାନ । ଏ ଦେହେ ବ୍ରହ୍ମ ମୋ ଆତ୍ମନ ॥ ୦୪ ॥
ସକଳ ଜୀବର କରତା । ମୋ ଭକ୍ତି ସେହି ସେ ଚିନ୍ତିତା ॥ ୦୫ ॥
ଏ ଆତ୍ମା ସ୍ୱୟଂ ବ୍ରହ୍ମରୂପୀ । ପ୍ରକୃତି ସେହି ଦେହେ ବ୍ୟାପୀ ॥ ୦୬ ॥
ଏ ଦେହ ସର୍ବକାଳେ ଅଛି । ଆତ୍ମା ନ ପାରେ ତାକୁ ଲକ୍ଷି ॥ ୦୭ ॥
ବୃଦ୍ଧ ତରୁଣ ବାଳକାଳେ । ଆତ୍ମାକୁ ବହେ ସର୍ବକାଳେ ॥ ୦୮ ॥
ଆତ୍ମା ତାହାର ସଙ୍ଗେ ଥାଇ । ନ କହି ଶୂନ୍ୟରେ ପଶଇ ॥ ୦୯ ॥

ଦେହ ନ ମୁର୍ଚ୍ଛେ ଅନ୍ତକାଳେ । ତା ବିନୁ ରୋଦେ ନିଶା କାଳେ॥ ୧୦ ॥
ଦେହ କାନ୍ଦଇ ଆତ୍ମା ଆଶେ । ମୁଁ ଏବେ ଥିବି କାହା ପାଶେ ॥ ୧୧ ॥
ମୋତେ ରଖିବ ଏଥେ କେହୁ । ଭ୍ରମିବି କାହା ବଳେ ଆଉ ॥ ୧୨ ॥
ହିସିବି ବସିବି ମୁଁ କାହିଁ । ଲଜ୍ଜା ପାଇବି କାହା ନେଇ ॥ ୧୩ ॥
ଆଉ କି ଦେଖିବି ସକଳ । କେ ଦେବ ମୋତେ ଅନ୍ନଜଳ ॥ ୧୪ ॥
ଦିବ୍ୟ ଚନ୍ଦନ ଫୁଲମାଳି । ଘଷି କେ ଛଡ଼ାଇବ ମଳି ॥ ୧୫ ॥
କେ ମୋତେ ଉଜ୍ଜ୍ୱଳ କରିବ । ଦିବ୍ୟ ବସନ ପିନ୍ଧାଇବ ॥ ୧୬ ॥
ସୁବର୍ଣ୍ଣ ଅଳଙ୍କାରମାନ । କେ ମୋତେ କରିବ ଖଞ୍ଜନ ॥ ୧୭ ॥
କାହାର ସଙ୍ଗେ ମୁଁ ରସିବି । ନିଦ୍ରା ପଲ୍ୟଙ୍କେ ପହୁଡ଼ିବି ॥ ୧୮ ॥
କାହା ଆନନ୍ଦେ ମୁଁ କାରଣ । କା ଘେନି ହେବ ଦାନ ପୁଣ୍ୟ ॥ ୧୯ ॥
କେ ମୋତେ ଉଠାଉ ବସାଉ । କେ ଅବା ଦେଖାଉ ଶୁଣାଉ ॥ ୨୦ ॥
କାହାର ଟାଣେ କ୍ରୋଧ କାମ । କା ବଳେ ଜପି ରାମ ନାମ ॥ ୨୧ ॥
କେ ଷଡ଼ରସ ମୁଖେ ଦେବ । କେ ପୁତ୍ର ଦାରାକୁ ପୋଷିବ ॥ ୨୨ ॥
ଏ ଧନ ଦ୍ରବ୍ୟ ସବୁ ରଖି । ମୋ ପତି ଗଲା ଯେ ଉପେକ୍ଷି ॥ ୨୩ ॥
ଏବେ ମୁଁ ପଡ଼ିଛି ଭୂମିରେ । ସଚେତ କେ କରିବ ମୋରେ ॥ ୨୪ ॥
ସବୁ ସରିଲା ମୋର ପଣ । କେଣେ ଉପେକ୍ଷି ଗଲା ପ୍ରାଣ ॥ ୨୫ ॥
କେହି ତ ନାହିଁ ମୋର ଏଥି । କେ ମୋତେ ରଖିବ ସାଇତି ॥ ୨୬ ॥
ମୋ ଆତ୍ମା ପତି ବିନା ରାଣ୍ଡ । ନାଶ ହୁଅଇ ପିଣ୍ଡ ଖଣ୍ଡ ॥ ୨୭ ॥
ଏହା ବିଧାତା ମୋତେ କଲା । ମୋର ସୁଲଭ କେଣେ ଗଲା ॥ ୨୮ ॥
ଦେଖ ଅଶୋଭା ମୋର ମୁଖ । ସ୍ୱାମୀ ଛାଡ଼ିଲେ ଏତେ ଦୁଃଖ ॥ ୨୯ ॥
ହସ୍ତ ଚରଣ ନ ଚଳଇ । ମୋ ଶିର ପିଣ୍ଡ ନ ଉଠଇ ॥ ୩୦ ॥
ଅଧରେ ନାହିଁ ମୋ ଶବଦ । ମୁଖେ ଚଳଇ ନାହିଁ ସ୍ୱାଦ ॥ ୩୧ ॥
ଡାକିଲେ କର୍ଣ୍ଣେ ନ ଶୁଣଇ । ନେତ୍ରେ ପିଛଡ଼ା ନ ପଡ଼ଇ ॥ ୩୨ ॥
ସବୁ ସରିଲା ମୋର ପଣ । ଭୂମିରେ ପଡ଼ି ଉଲଗନ ॥ ୩୩ ॥
କେଶ ମୁକୁଳା ଯେଣୁ ପଡ଼ି । ଅଙ୍ଗେ ସକଳ ଗୁଣ୍ଡି ଉଡ଼ି ॥ ୩୪ ॥
ଏତେ ଭୋଗାଦି ମୋ ସରିଲା । ମୋ ପିଣ୍ଡ ବିଅର୍ଥରେ ଗଲା ॥ ୩୫ ॥
ପତି ଥିବାରେ ମୋ କୁଶଳ । ତା ବିନୁ ହୋଇଲି ଚଣ୍ଡାଳ ॥ ୩୬ ॥
ପୃଥ୍ୱୀରେ ଥିଲି ମୁଁ କାରେଣି । ମୋବାକ୍ୟେ ଥିଲେ ଯେତେପ୍ରାଣୀ॥ ୩୭ ॥
ସବୁରି ମୋତେ ଶ୍ରଦ୍ଧା ଥିଲା । ଏବେ ତ କେହି ନ ଛୁଇଁଲା ॥ ୩୮ ॥
ଏବେ ମୁଁ ହୋଇଲି କୁତ୍ସିତ । ଗୃହକୁ କଲି ଅପବିତ୍ର ॥ ୩୯ ॥
ବନ୍ଧନ ଭାଣ୍ଡ ଯେତେ ଥିଲା । ସମସ୍ତ ପକାଇଣ ଦେଲା ॥ ୪୦ ॥
ମୁଁ ଯେଉଁଠାରେ ପଡ଼ିଥିଲି । ଲିପିଲେ ଅଶୁଦ୍ଧ ତା ବୋଲି ॥ ୪୧ ॥
ଏତେ ସରିକି ଗଲା କଥା । ଯହୁଁ ଛାଡ଼ିଲେ ମୋତେ ଭର୍ତ୍ତା ॥ ୪୨ ॥
ଏବେ କେମନ୍ତେ ନିସ୍ତରିବି । ଏମନ୍ତ କହେ ଉଚ୍ଚେ ରାବି ॥ ୪୩ ॥
ଏ ଜନ୍ମ ରଖି ନ ଯୋଗାଇ । ଅନଳେ ଝାସ ଦେବି ନେଇ ॥ ୪୪ ॥
ଏତେ ବୋଲିଣ ଦେଲା ଝାସ । ଆତ୍ମାକୁ କରାଇ ନିରାଶ ॥ ୪୫ ॥

| | | | | |
|---|---|---|---|---|
| ଏ ଦେହ ଏମନ୍ତ ଅଟଇ | । | ଆତ୍ମା ବିହୀନେ କ୍ଷୟ ଯାଇ | ॥ ୪୬ | ॥ |
| ଦେହ ରମଇ ବନ୍ଧ ପାଶ | । | ଆତ୍ମାକୁ କରାଇ ନିରାଶ | ॥ ୪୭ | ॥ |
| ଏଣୁ ନିର୍ଗୁଣ ଆତ୍ମା ଦେବ | । | ନ ଜାଣେ ଭାବ କି ଅଭାବ | ॥ ୪୮ | ॥ |
| ସୁଖୀ ଦୁଃଖୀ ବା ଜ୍ଞାନୀଯୋଗୀ | । | ଦେବତା ଆଦି ପୁଣ୍ୟଭୋଗୀ | ॥ ୪୯ | ॥ |
| ସକଳଠାରୁ ସେହି ଯାଇ | । | ଦୟା ତାହାର ଦେହେ ନାହିଁ | ॥ ୫୦ | ॥ |
| ଏଣୁ ତୁ ତାକୁ କର ଆଶ | । | ପାଇବୁ ପରମରେ ଯଶ | ॥ ୫୧ | ॥ |
| ପ୍ରତ୍ୟକ୍ଷ କଥା ଏହା ଦେଖ | । | ଦେହକୁ ଘେନି ଆତ୍ମରେଖ | ॥ ୫୨ | ॥ |
| ଏହା ଥିଲାକୁ ଧର୍ମ କର୍ମ | । | ବିଷୟ ପୁଣ୍ୟ କି ଅପୁଣ୍ୟ | ॥ ୫୩ | ॥ |
| ସବୁ କଥାକୁ ଶ୍ରୋତା ଏହି | । | ପାଷାଣ୍ଡ ଏହା ନ ଜାଣଇ | ॥ ୫୪ | ॥ |
| ବସ୍ତ୍ର ଆଦି ଏ ଯେତେ ଅଛି | । | ଦେହରେ ହୋଇଥାଇ କାଛି | ॥ ୫୫ | ॥ |
| ଗନ୍ଧ ଚନ୍ଦନ ଚତୁଃସମ | । | ଲେପଇ ଏହି ଲୋମଚର୍ମ | ॥ ୫୬ | ॥ |
| ଏହି ଯାହାକୁ ମୁଣ୍ଡେ ନେଇ | । | କାଷ୍ଠ ହୋଇଲେ ଶୋଭାପାଇ | ॥ ୫୭ | ॥ |
| ଅଶ୍ୱ ହସ୍ତୀ ଇତ୍ୟାଦି ଯେତେ | । | ବାଳକ ବାଳିକା ସହିତେ | ॥ ୫୮ | ॥ |
| ଏହାର ପାଇଁ ସେହୁ ଜାତ | । | ଘେନିଣ ହୁଅ ସାମରଥ | ॥ ୫୯ | ॥ |
| ଏ ଗୁଣ ବର୍ଜ୍ଜଇଟି ତହିଁ | । | ଆନ ତ କେହି ନ ବର୍ଜ୍ଜଇ | ॥ ୬୦ | ॥ |
| ହୀରା ମୋତି ମାଣିକ୍ୟ ମଣି | । | ମୁକୁତା ରତ୍ନ ଆଦି ଘେନି | ॥ ୬୧ | ॥ |
| ଏ ସର୍ବ ଏହାପାଇଁ ଜନ୍ମ | । | ଏ ସର୍ବ ହୋଇ ଆଭରଣ | ॥ ୬୨ | ॥ |
| ସର୍ଷପ ଆଦି ଫଳରସ | । | ଅନ୍ନ ବ୍ୟଞ୍ଜନ ଏ ପ୍ରକାଶ | ॥ ୬୩ | ॥ |
| ଘୃତ ତଇଳ ସର୍ବ ସାଧି | । | ଏହାର ପାଇଁ ଏତେ ବିଧି | ॥ ୬୪ | ॥ |
| ଏହା ଘେନାଇ ଦିଏ ପୁରେ | । | ଏହା ନ ବୁଝନ୍ତି ପାମରେ | ॥ ୬୫ | ॥ |
| ଏହାର ଅର୍ଥେ ଅଗ୍ନି ଜାତ | । | ଏହାର ପାଇଁ ଏତେ ମତ | ॥ ୬୬ | ॥ |
| ଏହାର ଅର୍ଥେ ଇନ୍ଦ୍ରପାଳେ | । | ଭୂମି ଆଦି ଏ ତିନିକାଳେ | ॥ ୬୭ | ॥ |
| ରାତ୍ର ଦିବସ ରବି ଶଶୀ | । | ଏହାର ପାଇଁ ଦିବା ନିଶି | ॥ ୬୮ | ॥ |
| ଏହାରି ପାଇଁଟିକି ତୀର୍ଥ | । | ଏହାରି ପାଇଁ ନାନା ବ୍ରତ | ॥ ୬୯ | ॥ |
| ଏ ସର୍ବ ଠାବରେ କାରେଣି | । | ଏହା ନ ଜାଣେ ମୁଢ଼ପ୍ରାଣୀ | ॥ ୭୦ | ॥ |
| ନାନା ବସ୍ତୁ ଥିଲେ କି ହେବ | । | ଏ ଘଟ ଗଲେ ନ ପାଇବ | ॥ ୭୧ | ॥ |
| ଏ ଘଟ ଥାଉ କର ସେବା | । | କହିଲୁ ଗୋଚରରେ ଯେବା | ॥ ୭୨ | ॥ |
| ପରମ ବ୍ରହ୍ମର ଏ ରସ | । | ଛାଡ଼ି ସକଳ କର୍ମ ପାଶ | ॥ ୭୩ | ॥ |
| ଆତ୍ମାଟି ସ୍ତିରୀ ଯେ ପୁରୁଷ | । | ଆତ୍ମା ବିନାଶେ ସର୍ବନାଶ | ॥ ୭୪ | ॥ |
| ଆତ୍ମା ସାମନ୍ତ ସେବକଟି | । | ଆତ୍ମା ଅଟେ ନିତ୍ୟ କପଟୀ | ॥ ୭୫ | ॥ |
| ସକଳ ସ୍ଥାନେ ଆତ୍ମା ରସେ | । | ଏ ତୋ ଶରୀରେ ଆତ୍ମା ବସେ | ॥ ୭୬ | ॥ |
| ଏକଇ ବ୍ରହ୍ମ ସର୍ବଭୂତେ | । | ପ୍ରକାଶ ଦେଖ ନାନା ମତେ | ॥ ୭୭ | ॥ |
| ଏଣୁ ତୁ ଏକ ଭାବେ ରହ | । | କାଳେ ପାଇବୁ ମୋର ଦେହ | ॥ ୭୮ | ॥ |
| ଶୁଣି ଉଦ୍ଧବ ତୋଷଚିତ୍ତ | । | ଆନନ୍ଦେ ଶିରେ ଦେଇ ହସ୍ତ | ॥ ୭୯ | ॥ |
| ବୋଲଇ ହୋଇଲି ନିସ୍ତାର | । | ଯହୁଁ ପାଇଲି ଜ୍ଞାନ ସାର | ॥ ୮୦ | ॥ |
| ଏଣୁ ମୁଁ ହୋଇଲି କାରଣ | । | ତୁମ୍ଭରେ ପଶିଲି ଶରଣ | ॥ ୮୧ | ॥ |
| ତୋ ବିନୁ ଅନ୍ୟ ନାହିଁ ଆଉ | । | ଏଥି ଉପରେ ଆଜ୍ଞା ହେଉ | ॥ ୮୨ | ॥ |

ଆତ୍ମା ପରମ ବ୍ରହ୍ମସାର । ଏଥୁ ଅଧିକ ନାହିଁ ପର ॥ ୮୩ ॥
ସକଳ ଶାସ୍ତ୍ରେ ପରମାଣ । ସବୁହୁଁ ଶ୍ରେଷ୍ଠ ଆତ୍ମଜ୍ଞାନ ॥ ୮୪ ॥
ଆନନ୍ଦେ ସୁଖ ବ୍ରହ୍ମଲୀଳା । ସେ ଭବ ସମୁଦ୍ରକୁ ଭେଳା ॥ ୮୫ ॥
ଦ୍ୱାରକା ମଣ୍ଡଳେ ପ୍ରବେଶ । ଭଣଇ ଜଗନ୍ନାଥ ଦାସ ॥ ୮୬ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ
ସମ୍ବପାଦେ ନାମ ଷଷ୍ଠୋଦ୍ଧ୍ୟାୟଃ ॥

***

## ॥ ସପ୍ତମ ଅଧ୍ୟାୟ ॥

### ଉଦ୍ଧବ ଉବାଚ

ଉଦ୍ଧବ କହେ ଭଗବାନ । ଶୁଣିମା କମଳ ରମଣ ॥ ୦୧ ॥
ତୁମ୍ଭ ଶ୍ରୀମୁଖ ଯାହା ଜାତ । ମାନବ ଦେବାଦି ସମସ୍ତ ॥ ୦୨ ॥
ଅଜ୍ଞାନୀ ଜନେ ମୁଢ଼ମତି । ପରମ ଧର୍ମ ନ ଜାଣନ୍ତି ॥ ୦୩ ॥
ଘେନନ୍ତି ପ୍ରେମ ବୋଲି ଦୀକ୍ଷା । ଯୁଗଳ ଭାବ କରି ଶିକ୍ଷା ॥ ୦୪ ॥
ଏ ବେନିମତେ କିବା ଭାବେ । ନିଷ୍ଠା କହିବା ପ୍ରଭୁ ଏବେ ॥ ୦୫ ॥

### ଶ୍ରୀ ଭଗବାନୁବାଚ

ଉଦ୍ଧବ ଶୁଣ ବେନିମାର୍ଗ । ସର୍ବଦା ଥୟ ବ୍ରହ୍ମ ଭାଗ ॥ ୦୬ ॥
ବଶିଷ୍ଠ ବାମଦେବ ବେନି । କଶ୍ୟପ ଜନକ ଯା ଭଣି ॥ ୦୭ ॥
ବାଲ୍ମୀକି ଘେନି ନବମୁନି । ଭୃଗୁ ଅଙ୍ଗିରା ମହାମୁନି ॥ ୦୮ ॥
ଯେ କବି ହବି ଅନ୍ତରୀକ୍ଷ । ପିପ୍ଳାୟନ ଜ୍ଞାନଦକ୍ଷ ॥ ୦୯ ॥
ଚମସ ଦ୍ରବିଡ଼କୁ ଘେନି । ଅଗସ୍ତି ଅଷ୍ଟବକ୍ର ମୁନି ॥ ୧୦ ॥
କୁମ୍ଭ ବିଶ୍ୱାମିତ୍ର କପିଳ । ଭରଦ୍ୱାଜ ଏ ମୁନି ନଳ ॥ ୧୧ ॥
ବିଶ୍ରବା ଦୁର୍ବାସାଦି ଘେନି । ଗୌତମ କଶ୍ୟପ ଯେ ମୁନି ॥ ୧୨ ॥
ପାରେଶ୍ୱର ଏ ବେଦବ୍ୟାସ । ଏମାନେ ବ୍ରହ୍ମ ଉପଦେଶ ॥ ୧୩ ॥
ସର୍ବଯୁଗରେ ଏହି ଜ୍ଞାନୀ । ଏ ଧର୍ମ ପ୍ରବର୍ତ୍ତାନ୍ତି ଘେନି ॥ ୧୪ ॥
ସେମାନେ ଜାଣନ୍ତି ବ୍ରହ୍ମକୁ । ବାହ୍ୟେ ନ କହନ୍ତି କାହାକୁ ॥ ୧୫ ॥
କେହୁ ଅଷ୍ଟାଙ୍ଗ ଯୋଗଲୟେ । କେବା ଇନ୍ଦ୍ରିୟ ସାଧି ରହେ ॥ ୧୬ ॥
କେବା ବ୍ରହ୍ମକୁ କରି ଧ୍ୟାନ । କେ ଷଡ଼ରିପୁ ନିସୂଦନ ॥ ୧୭ ॥
କେ ନବଦ୍ୱାର ନିରୋଧଇ । ମନ ପବନ କେ ସାଧଇ ॥ ୧୮ ॥
କେ ଅବା ପଚିଶ ପ୍ରକୃତି । ସାଧଇ ଦୃଢ଼ାସନେ ସ୍ଥିତି ॥ ୧୯ ॥
କେ ଷଡ଼ଚକ୍ରକୁ ସାଧଇ । ପଚିଶ ଦଳରେ ମିଶାଇ ॥ ୨୦ ॥
କେବା ଅଣଚାଶ ପବନ । ସାଧଇ ଦେଇ ଚଇତନ ॥ ୨୧ ॥
କେ ଅବା ଅନାହତ ଯୋଗେ । ଆପଣା ଧନ ବ୍ରହ୍ମଭାଗେ ॥ ୨୨ ॥
କେ ସପ୍ତ ଧାତୁମାନ ସାଧି । ବ୍ରହ୍ମ ଅନ୍ତରେ ଆତ୍ମା ସାଧି ॥ ୨୩ ॥
ଏମନ୍ତେ ଇତ୍ୟାଦି ସାଧନେ । ବ୍ରହ୍ମତତ୍ତ୍ୱ ଯୋଗ ସାଧନେ ॥ ୨୪ ॥
ଈଶ୍ୱର ବ୍ରହ୍ମା ଆଦିତ୍ୟକୁ । ଏବ୍ରହ୍ମ ପ୍ରାପତ ତାହାକୁ ॥ ୨୫ ॥

ମନୁଇଚ୍ଛା ସହିତେ ଜାଣି । ରୂପଟି ଗୋଚର ପ୍ରମାଣି ॥ ୨୬ ॥
ଗୋବିନ୍ଦ ହାଡ଼ିପା ଉଡ଼ପ । ପରଶୁରାମ ଯେ ସେ ରୂପ ॥ ୨୭ ॥
ତ୍ରେତୟା ଯୁଗ ଜ୍ଞାନୀ ଏହି । ଏ ସାଧି ବ୍ରହ୍ମ ସୁଖ ପାଇ ॥ ୨୮ ॥
ଗରୁଡ଼ ଭୂଷଣ୍ଡ କର୍ଣ୍ଣକ । ପ୍ରହ୍ଲାଦ ମାର୍କଣ୍ଡେୟ ଦେଖ ॥ ୨୯ ॥
ପରୀକ୍ଷ ଉଦ୍ଧବ ଅକ୍ରୁର । ଭୀଷ୍ମ ଅର୍ଜ୍ଜୁନ ଯେ ବିଦୁର ॥ ୩୦ ॥
ଏହି ଦ୍ୱାପର ଯୁଗ ଜ୍ଞାନୀ । ଏ ସଂଖ୍ୟା ବ୍ରହ୍ମଜ୍ଞାନି ଘେନି ॥ ୩୧ ॥
କଳି ଆଗମରେ ପ୍ରଚୁର । ଅଳପ ବହୁତ ନିସ୍ତାର ॥ ୩୨ ॥
ରାଜ ନୃପ କବିର ବେନି । ଶିଶୁ ଜାମେଦ ତାକୁ ଘେନି ॥ ୩୩ ॥
ଅଚ୍ୟୁତ କ୍ରୟ ନାରାୟଣ । ବଳରାମ ଦାସ ବଖାଣ ॥ ୩୪ ॥
ଏ ବ୍ୟାସ ଶଙ୍କର ଆଚାର୍ଯ୍ୟ । ଏ କଳିଯୁଗେ ଜ୍ଞାନୀ ଦ୍ୱିଜ ॥ ୩୫ ॥
ଏଣିକି ବହୁତ ହୋଇବ । ଘରେ ଘରେଣ ପ୍ରବର୍ତ୍ତିବ ॥ ୩୬ ॥
କେବା ମାନିବ ଇଷ୍ଟକରି । କେ ନିନ୍ଦା ସ୍ତୁତି ଆଦିକରି ॥ ୩୭ ॥
ଏମନ୍ତେ ଅନାଦର ହେବ । ଏଣୁ ଅନ୍ୟାୟେ କ୍ଷୟ ଯିବ ॥ ୩୮ ॥
ଏ ବ୍ରହ୍ମ ଦଶ ଅବତାର । କେହି ଯେ ମାନିବ ଆଧାର ॥ ୩୯ ॥
କେ ଅବା କର୍ମକୁ ଭଜଇ । କେବା ବରାହ ସୁମରଇ ॥ ୪୦ ॥
ବାମନ ମୂର୍ତ୍ତି ଅବତାର । କେବା ଭଜଇ ନିଷ୍ଠାଚାର ॥ ୪୧ ॥
କେ ପର୍ଶୁରାମ ମନ୍ତ୍ରଦୀକ୍ଷା । ତାହାକୁ ସେହି ମାର୍ଗେ ରକ୍ଷା ॥ ୪୨ ॥
କେ ରାମନାମ ମନ୍ତ୍ର ଗାଇ । ଯେ ମାର୍ଗେ ଭଜନ୍ତି ଚିତ୍ତୋଇ ॥ ୪୩ ॥
କେ ହରେରାମ କୃଷ୍ଣ ମନ୍ତ୍ରେ । ପୂଜନ୍ତି ଏହି ଧର୍ମ ତନ୍ତ୍ରେ ॥ ୪୪ ॥
କେ ଜପ ମନ୍ତ୍ର ନେଇ ଟାଣ । ଯେମନ୍ତେ କରନ୍ତି ଭଜନ ॥ ୪୫ ॥
କେହୁ କଳଙ୍କି ମନ୍ତ୍ର ନେଇ । ଜପଇ ମନ୍ତ୍ରନ୍ୟାସ ହୋଇ ॥ ୪୬ ॥
କେ ନାରାୟଣ ମନ୍ତ୍ର ନେଇ । ଗାୟତ୍ରୀ ସାବିତ୍ରୀ ଜପଇ ॥ ୪୭ ॥
କେ ଶିବଶକ୍ତି ମନ୍ତ୍ରଦୀକ୍ଷା । ଯାହାର ଯେମନ୍ତେ ଯେ ଇଚ୍ଛା ॥ ୪୮ ॥
ଏମନ୍ତ ମାର୍ଗ ଭିନ୍ନ ଭିନ୍ନ । କରି ପୂଜନ୍ତି ମୂଢ଼ଜନ ॥ ୪୯ ॥
ଏକ ବ୍ରହ୍ମ ବୋଲି ନ ଜାଣି । ଅନେକ ମାର୍ଗେ ଭଜେ ପ୍ରାଣୀ ॥ ୫୦ ॥
ସେ ଯେବେ ଏକମାର୍ଗ ଜାଣେ । ପ୍ରାଣୀ କିମ୍ପାଇ ତେବେ ଭ୍ରମେ ॥ ୫୧ ॥
ସବୁ ଦେବତା ଆସି ମିଶି । ଏକ ବ୍ରହ୍ମରୁ ପରକାଶି ॥ ୫୨ ॥
ପ୍ରଭୁ ଅଖଣ୍ଡ ବ୍ରହ୍ମରାଶି । ତହୁଁ ଅଶେଷ ପରକାଶି ॥ ୫୩ ॥
ଯେ ଯେତେ ମାର୍ଗରେ ଭଜଇ । ମୋତେ ପାଇବେ ଅବା କାହିଁ ॥ ୫୪ ॥
ବ୍ରହ୍ମକୁ ଚିହ୍ନଇ ଯେ ନର । ନିକଟେ ଲଭେ ମୋ ପୟର ॥ ୫୫ ॥
ନିକଟେ ଡାକିଲେ ଯେସନ । ଶୁଣଇ ପ୍ରାଣୀଙ୍କ ବଚନ ॥ ୫୬ ॥
ଏମନ୍ତ ଜ୍ଞାନୀଙ୍କର ବାଣୀ । ନିକଟେ ଥିଲା ପ୍ରାୟ ମଣି ॥ ୫୭ ॥
କୁସଙ୍ଗେ ଡାକିଲେ ଯେମନ୍ତ । ଡାକି ହୁଅଇ ଅଶକତ ॥ ୫୮ ॥
ନାମ ଧରି ଯେ ଡାକୁଥାଇ । ସେ ପୁଣି ତାହା ନ ଶୁଣଇ ॥ ୫୯ ॥
ଅନ୍ୟାନ୍ୟ ଭଜନେ ତା ଚିତ୍ତ । ମୁଁ ତାହା ମଣଇ ତେମନ୍ତ ॥ ୬୦ ॥
ତୋତେ କହୁଛି ନିଷ୍ଠା ମୁହିଁ । ପରମବ୍ରହ୍ମ ବିନା କାହିଁ ॥ ୬୧ ॥
ଏ ଆତ୍ମାରୂପ ନିରଞ୍ଜନ । ସକଳ ଦେବର ସମାନ ॥ ୬୨ ॥

ପରମ ସ୍ୱୟଂ ପରକାଶ । ଜୀବର ଦେହ ମାୟା ପାଶ ॥ ୬୩ ॥
ଶବଦ ବେନି ବ୍ରହ୍ମ ବହି । ନିଶବଦରେ ତା ନ ଯାଇ ॥ ୬୪ ॥
ଷୋଳ ଡମ୍ବରୁ ଭେଦି ଯହୁଁ । ଶିଶୁମୁନାଟି ବୋଲି ସେହୁ ॥ ୬୫ ॥
ତିନି ବ୍ରହ୍ମାଣ୍ଡେ ଉଡ଼େ ବାନା । ଭେଦିଛି ଦୂରୁ ଦେଖ କିନା ॥ ୬୬ ॥
ଉଲଟ ଭାବେଣ ବହଇ । ଉଜାଣି ଆକାଶକୁ ଯାଇ ॥ ୬୭ ॥
ସେ ଧାର ଶେଷରେ ତ୍ରିବେଣୀ । ତ୍ରିକୂଟ ନାମେ ପୁଷ୍କରିଣୀ ॥ ୬୮ ॥
ହଂସ ହଂସୁଳୀ ବେନି ଜନ । ତହିଁରେ କରନ୍ତି ଭ୍ରମଣ ॥ ୬୯ ॥
କେହି କାହାକୁ ନ ଭେଟଇ । ଏକଇ ଆସନରେ ଥାଇ ॥ ୭୦ ॥
ପ୍ରମାଣ କରି ଏହା ଜାଣ । କହିଲୁ ଏ ଯେ ତତ୍ତ୍ୱଜ୍ଞାନ ॥ ୭୧ ॥
ଯାହାର ଜ୍ଞାନ ଦୃଷ୍ଟି ନାହିଁ । କି କରେ କକ୍ଷେ କକ୍ଷେ ଥାଇ ॥ ୭୨ ॥
ତାହାକୁ ନାହିଁ ସୁଖ ଲେଶ । ବୁଲଇ ସଂସାରେ ମନୁଷ୍ୟ ॥ ୭୩ ॥
ଦେଖ ଏ ବ୍ରହ୍ମଜ୍ଞାନ ଯୋଗୀ । ସେ ମୋର ଆତ୍ମା ପ୍ରାଣସଙ୍ଗୀ ॥ ୭୪ ॥
ଯୁଗଳ ଭାବେ ଏ ଭଜଇ । ଅନେକ ଜନ୍ମେ ସେ ଲଭଇ ॥ ୭୫ ॥
ବୋଲନ୍ତି ହେବୁ ସ୍ତିରୀ ଅଙ୍ଗ । କରିବୁ ରତି କ୍ରୀଡ଼ା ରଙ୍ଗ ॥ ୭୬ ॥
ରାଧାର ମୋର ତିଳେ ମାତ୍ରେ । ଭେଦ ଯେ ନାହିଁ କଦାଚିତ୍ତେ ॥ ୭୭ ॥
ସେ ସ୍ତିରୀ ହେବେ କେଉଁଠାଇଁ । ମୁଁ ତାଙ୍କୁ ଲଭିବି କିମ୍ପାଇଁ ॥ ୭୮ ॥
ତଥାପି ଅଛି ତହିଁ ବାଟ । ତା ଦେହେ ନାହିଁ କାମକଷ୍ଟ ॥ ୭୯ ॥
ଯାର ଇନ୍ଦ୍ରିୟ ନାହିଁ ମେଳ । ନ ଜାଣେ ସ୍ତିରୀରସ ଖେଳ ॥ ୮୦ ॥
ସପ୍ତ ବରଷ ଲେଖି ଆଣ । ଦ୍ୱାଦଶ ଯାଏ ଭକ୍ତିଗୁଣ ॥ ୮୧ ॥
ତେଣେ ପାଇବେ ସେହୁ କାହିଁ । ମାୟା ସଂଯୋଗ ବଦ୍ଧମୋହୀ ॥ ୮୨ ॥
ଏଣେ ସେ ଅଙ୍ଗ ହୁଏ ହାନି । ବେଗେ ଲଭନ୍ତି ବ୍ରହ୍ମଜ୍ଞାନୀ ॥ ୮୩ ॥
ଜ୍ଞାନ ଉଶ୍ୱାସର ଆସନେ । ସାଧିଲେ ପାଇ ବହୁଦିନେ ॥ ୮୪ ॥
ଷୋଳ ସହସ୍ର ଦିବସରେ । ଭଜନ ଦୃଢ଼ ହୁଏ ତାରେ ॥ ୮୫ ॥
ବତ୍ରିଶ ସହସ୍ର ବରଷ । ଅଙ୍ଗ ପାଲଟି ସ୍ତିରୀବେଶ ॥ ୮୬ ॥
ତିରିଶ କୋଟି ପକ୍ଷ ପାଇ । ତ୍ରିପୁରା ତେବେ ତୋଷ ହୋଇ॥ ୮୭ ॥
ଷଡ଼ ବରଷେ ବସି ଭାବେ । ସେ କୃଷ୍ଣସଙ୍ଗ କରେ ତେବେ ॥ ୮୮ ॥
ଏଣୁ ଅନେକ ଦିନେ ପାଇ । ସାଧିଲେ ସିଦ୍ଧି ସେ ବୋଲାଇ ॥ ୮୯ ॥
ଏ ତତ୍ତ୍ୱ ନ ଜାଣନ୍ତି କେହି । କୋଟିକେ ଗୋଟିଏ ଜାଣଇ ॥ ୯୦ ॥
ମନ୍ତ୍ର ଯନ୍ତ୍ର ଅକ୍ଷରେ ସ୍ଥାପି । କୃଷ୍ଣ ବୋଲିଣ ଯାହା ଜପି ॥ ୯୧ ॥
ଏ ସର୍ବ ଭୁଲାଣ ଅଟଇ । ଏଥି ସଂଶୟ ଆଉ ନାହିଁ ॥ ୯୨ ॥
ଚିତ୍ତରୁ ପୁରାଣ ଯେ ଶାସ୍ତ୍ର । ଏଥିରୁ ଭଲ ନାମ ଘୋଷ ॥ ୯୩ ॥
ଯେ ବା ଅଖଣ୍ଡ ଧ୍ୟାନ କରେ । ମନରେ ଯେମନ୍ତେ ସୁମରେ ॥ ୯୪ ॥
ସେ ମୋର ସ୍ଥଳରେ ପଶଇ । ଏଣୁ ସଂଶୟ ଆଉ ନାହିଁ ॥ ୯୫ ॥
କହିଲୁ ସାର ଯହୁଁ ଜ୍ଞାନ । ଏଣୁ ଲଭିବୁ ମୋକ୍ଷସ୍ଥାନ ॥ ୯୬ ॥
ଏଣୁ ତୁ ଏହି ଜ୍ଞାନ କର । ଏ ଜ୍ଞାନେ ହୋଇବୁ ନିସ୍ତାର ॥ ୯୭ ॥
ଜାଣି ଭଜିଲେ ଗତି ପାଇ । ମୋହର ତାକୁ ମାୟା ନାହିଁ ॥ ୯୮ ॥
ଭକତି ଭାବେ ମୋ ଚରଣ । ପଶନ୍ତି ନିଶ୍ଚଳ ଭୁବନ ॥ ୯୯ ॥

ଶୁଣ ଉଦ୍ଧବ ତତ୍ତ୍ୱ ସାର । ଏଣୁ ତୁ ଏହି ଜ୍ଞାନ କର ॥ ୧୦୦ ॥
ମନୁ ସଂଶୟ ସବୁ ଯାଉ । ମୋର ଚରଣେ ଚିତ୍ତ ରହୁ ॥ ୧୦୧ ॥
ମୋର ଚରଣ ଅନୁସରି । ଭବୁଁ ହୋଇବୁ ବେଗେ ପାରି ॥ ୧୦୨ ॥
ଉଦ୍ଧବ ମନେ ପାଇ ଶ୍ରଦ୍ଧା । ମନରୁ ବରଜିଲା ଦ୍ୱିଧା ॥ ୧୦୩ ॥
ଚରଣ ତଳେ କରି ଧ୍ୟାନ । ତୁ ପ୍ରଭୁ ହୋଇବୁ ପ୍ରସନ୍ନ ॥ ୧୦୪ ॥
ଉଦ୍ଧବ କୃଷ୍ଣ ପରକାଶ । ଦ୍ୱାରକା ଜଗନ୍ନାଥ ଦାସ ॥ ୧୦୫ ॥
ଏ ଭାଗବତ ରସସିନ୍ଧୁ । ଏଣେ ଅଜ୍ଞାନୀ ତରେ ଧନ୍ଦୁ ॥ ୧୦୬ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
ଷଡଗୁଣ ନିର୍ଗୁଣ କଥନେ ନାମ ସପ୍ତମୋଦ୍ଧ୍ୟାୟଃ ॥

***

## ॥ ଅଷ୍ଟମ ଅଧ୍ୟାୟ ॥

### ଉଦ୍ଧବ ଉବାଚ

ଉଦ୍ଧବ ଶୁଣି ଜ୍ଞାନସାର । ବୋଲଇ ଶୁଣ ଚକ୍ରଧର ॥ ୦୧ ॥
ଏ ଦେହ କାହୁଁ ଜାତ ହୋଇ । କେମନ୍ତେ ଆତ୍ମା ପ୍ରକାଶଇ ॥ ୦୨ ॥
କାହୁଁ ପାଇଲା ଦିବ୍ୟଜ୍ଞାନ । କେ ଦେଲା ଲୋମ ଚର୍ମ ମାନ ॥ ୦୩ ॥
କାହୁଁ ଖଞ୍ଜିଲା ଏତେ ଅସ୍ଥି । ଶିର ସଙ୍କୁଳ ନାଡ଼ୀ ଗଣ୍ଠି ॥ ୦୪ ॥
ଏକଥା ଶୁଣିବାକୁ ଇଚ୍ଛା । ପୁଚ୍ଛଇ ମୋର ମନୋବାଞ୍ଛା ॥ ୦୫ ॥

### ଶ୍ରୀଭଗବାନୁବାଚ

ଉଦ୍ଧବ ଶୁଣ ଗର୍ଭବାସ । ଏ ଯୋଗ ଜାଣନ୍ତି ମହେଶ ॥ ୦୬ ॥
ଜନନୀ ଜଠର ବାରତା । ପୂର୍ବେ କହିଲେ ମୋତେ ପିତା ॥ ୦୭ ॥
କପିଳ ପୂର୍ବେ କଲେ ଯାହା । ଏବେ ମୁଁ କହୁଅଛି ତାହା ॥ ୦୮ ॥
ମାତା ପିତାର ସଂଯୋଗରୁ । ବିନ୍ଦୁ ଖସିଲା ଗଗନରୁ ॥ ୦୯ ॥
ଅଣିମା ଆଦି ଅଣାକାର । ସେ ଆଦି ବ୍ରହ୍ମ ସଦାଚାର ॥ ୧୦ ॥
ପ୍ରାଣ ଉଦ୍ୟାନ ବଳି ତିନି । ସାମାନ୍ୟ ଜ୍ଞାନ ପଞ୍ଚଘେନି ॥ ୧୧ ॥
ବ୍ରହ୍ମ ମଣ୍ଡଳେ ଲାଗି ଯାଇ । ଯାଇ ପରମ ଓଟାରଇ ॥ ୧୨ ॥
ଶୂନ୍ୟ ଖୁଆରେ ଶୂନ୍ୟ ଫାଶ । ମଛନ୍ତି ଧରି ବେନି ହଂସ ॥ ୧୩ ॥
ଲବଣୀ ହୁଏ ତହୁଁ ଜାତ । ଅଗ୍ନି କଣିକା ତେଜମତ ॥ ୧୪ ॥
ବିଜୁଳି ଗଗନେ ଯେସନ । ଝଟକ ଜ୍ୟୋତି ସଙ୍ଗତେଣ ॥ ୧୫ ॥
ପରମ ସାଉଁଟି ଧଇଲା । ଶୀଘ୍ରେ ତ୍ରିକୂଟେ ପୁରାଇଲା ॥ ୧୬ ॥
ଶୁକ୍ରରୁ ବଳେ ଗଲା ପଶି । ଜୀବ ପରମ ସଙ୍ଗେ ମିଶି ॥ ୧୭ ॥
ଘଟିକା ପରେ ଯେଉଁ ବାଟ । ଆତ୍ମା ଦ୍ୱାରକୁ ସେ ନିକଟ ॥ ୧୮ ॥
ନିଶୁତି ସୁଷୁପତି ଦୁଇ । ଜାଗ୍ରତ ତୃତୀୟ ବୋଲାଇ ॥ ୧୯ ॥
ଏ ଚାରିଦ୍ୱାର ଏକ ଯହିଁ । ଅବିବି ସେ ସ୍ଥାନକୁ କହି ॥ ୨୦ ॥
ଅବିବି ମଣ୍ଡଳ ଉତ୍ତାରୁ । ସୂଚୀ ମୁନରୁ ବାଟ ସରୁ ॥ ୨୧ ॥
ଘଟିକା ପରେ ସେହି ବାଟ । ତହିଁରେ ପ୍ରବେଶ ଅନାଥ ॥ ୨୨ ॥
କାଳ କମଳ ନିରଞ୍ଜନ । ଚିଆଇଁ ଚଇତନ୍ୟ ଜ୍ଞାନ ॥ ୨୩ ॥

ଊର୍ମ ଧୂର୍ମ ଯେ ଜ୍ୟୋତିଜ୍ୱାଳା । ବେଦ ଚାରି ଚବିଶ କଳା ॥ ୨୪ ॥
ଶବ୍ଦ ସ୍ୱରଣ ଗନ୍ଧ ଜଳ । ସମସ୍ତେ ହୋଇ ଏକମେଳ ॥ ୨୫ ॥
ଜୀବ ପରମ ବ୍ରହ୍ମ ତିନି । ଗମନ୍ତେ ଖସିଲା ମେଦିନୀ ॥ ୨୬ ॥
ଈଶ୍ୱର ଥିଲେ ଷୋଳ ଦଳେ । ଦେଖିଲେ ପରଂବ୍ରହ୍ମ ଡୋଳେ ॥ ୨୭ ॥
ଜ୍ଞାନ ଅଜ୍ଞାନ ପଡ଼ିହାରୀ । ଦ୍ୱାରେ ଅଛନ୍ତି ଛଡ଼ି ଧରି ॥ ୨୮ ॥
ଚେତନା ନନ୍ଦିଘୋଷ ଯାନ । ତହିଁ ବିଜୟ ଭଗବାନ ॥ ୨୯ ॥
ଜୀବ ପରମ ଏ ବାହୁକ । ବେଦ ଚାରି ଏ ଅଶ୍ୱ ଦେଖ ॥ ୩୦ ॥
ଷୋଳ ଡମ୍ବରୁ ଏକ ହୋଇ । ଅଷ୍ଟାଙ୍ଗ ଯୋଗ ଆଜ୍ଞା ବହି ॥ ୩୧ ॥
ଇଡ଼ା ଯେ ବସେ ବାମପାଶେ । ଚାମର ଘେନିଣ ପାରୁଶେ ॥ ୩୨ ॥
ପିଙ୍ଗଳା ଦକ୍ଷିଣ ଆବୋରି । ଆଲଟ ଧରେ ଧୀର କରି ॥ ୩୩ ॥
ଧର୍ମ ବିହୁଡ଼ି ଊର୍ମ ଧରେ । ସେ ଧର୍ମ କେଭେ ନ ଆଚରେ ॥ ୩୪ ॥
ଜ୍ୟୋତି ଜ୍ୱାଳା ଏ ବେନି ଜନ । ପ୍ରକୃତି କରନ୍ତି ପ୍ରୟାଣ ॥ ୩୫ ॥
ମଙ୍ଗଳ ରସ ଗନ୍ଧବାଡ଼େ । ବୈକୁଣ୍ଠ ପ୍ରଭୁ ଖସିପଡ଼େ ॥ ୩୬ ॥
ଧ୍ରୁବମଣ୍ଡଳେ ହେଲେ ଆସି । ଦୁରୁ ଦେଖିଲେ ବ୍ରହ୍ମରାଶି ॥ ୩୭ ॥
ତହୁଁ ଗମିଲେ ଶିବପୁର । ଦେଖିଣ ଉଠିଲେ ଶଙ୍କର ॥ ୩୮ ॥
ଷୋଳ ସହସ୍ର ରୁଦ୍ରଗଣ । ଦେଖିଲେ ପ୍ରଭୁଙ୍କ ଚରଣ ॥ ୩୯ ॥
ତହିଁ ବିଜୟେ ଦଣ୍ଡେ ରହି । ପ୍ରବେଶ ବିଷ୍ଣୁପୁରେ ହୋଇ ॥ ୪୦ ॥
ବିଷ୍ଣୁ ଜାଣିଲେ ବ୍ରହ୍ମ ଖସୁ । ପାଛୋଟି ଅଇଲେ ସେ ଆସୁ ॥ ୪୧ ॥
ଅନେକ ସ୍ତୁତିକଲେ ସେହି । ନମଃ ଅଖଣ୍ଡ ବ୍ରହ୍ମଦେହୀ ॥ ୪୨ ॥
ଅନନ୍ତ ଅଣାକାର ମୂର୍ତ୍ତି । ବିଷ୍ଣୁ ଏ ରୂପେ କଲେ ସ୍ତୁତି ॥ ୪୩ ॥
ତହୁଁ ଖସିଲେ ଧୀରେ ଧୀରେ । ପ୍ରବେଶ ବ୍ରହ୍ମ ମଣ୍ଡଳରେ ॥ ୪୪ ॥
ଯହୁଁ ଶୁଭିଲା ଜୟଶଙ୍ଖ । ବେଗେ ଉଠିଲେ ଚତୁର୍ମୁଖ ॥ ୪୫ ॥
ଅର୍ଘ୍ୟ ସେ ଦେଲେ ତିନିଜଣେ । ଆସଇ ଗହନ ଗହନେ ॥ ୪୬ ॥
ନିଜପୁରେ ପ୍ରବେଶ ଧାତା । ଜଣାଇ ଜଗତ କରତା ॥ ୪୭ ॥
ଭୋ ଦେବ ଏହି ମୋ ନଗର । ଦଶଯୋଜନ ଏ ବିସ୍ତାର ॥ ୪୮ ॥
ଏ ସ୍ଥାନ ଦେଇଅଛ ମୋତେ । ଭାଗ୍ୟ ଏ ସ୍ଥଳ ବିଜେ ଏଥେ ॥ ୪୯ ॥
ଅଷ୍ଟଦିଗପାଳ ମିଳିଲେ । ଦର୍ଶନ ବ୍ରହ୍ମଙ୍କୁ ଯେ କଲେ ॥ ୫୦ ॥
ତହୁଁ ଚଳିଲେ ଭଗବାନ । ମିଳିଲେ କାମର ଭୁବନ ॥ ୫୧ ॥
ତାଙ୍କୁ ପାତାଳ ଲୋକ ଆସି । ଦର୍ଶନ କଲେ ଅବିନାଶି ॥ ୫୨ ॥
ଗଣେଶ କାମ ବେନି ଜନ । ଦର୍ଶନ କଲେ ନିରଞ୍ଜନ ॥ ୫୩ ॥
କାମର ମଣ୍ଡଳେ ଯେ ହୋଇ । ପିତାର ଜ୍ଞାନ ବୁଝୁଛଇ ॥ ୫୪ ॥
ଖସି ପଡ଼ିଲେ ଭଗଦ୍ୱାରେ । କ୍ଷେପେ ଚାରିଯୁଣ ଶୂନ୍ୟରେ ॥ ୫୫ ॥
ନାଭି କମଳ ଦଶଯୁଣ । ଦୀର୍ଘପ୍ରତି ତା ସରି ଜାଣ ॥ ୫୬ ॥
ପଦ୍ମର ମଧରେ କେଶର । ତହିଁ ବିଜୟେ ନିରାକାର ॥ ୫୭ ॥
ଆମୋଦ ମୁଦିଲା କମଳ । ଯେସନେ ଚକ୍ରକୁ କୁରାଳ ॥ ୫୮ ॥
ପଡ଼ନ୍ତେ ଭ୍ରମିଲା ତେସନେ । ଏତେ ହୋଇଲା ରାତ୍ରମାନେ ॥ ୫୯ ॥

ପ୍ରଥମ ଦିନେ ବିନ୍ଦୁସାର । ହୋଇଲା ମଣ୍ଡଳ ଆକାର ॥ ୬୦ ॥
ତାଳୁକ ବୋଲି ଯେଉଁ ସ୍ଥାନ । ମାପରେ ସେହି ଚାରିଯୁଣ ॥ ୬୧ ॥
ତହିଁ ଚାହିଁଲେ ବ୍ରହ୍ମରାଶି । ନାଭିରୁ କମଳ ପ୍ରକାଶି ॥ ୬୨ ॥
କୋଇଲି ସୁତା ପ୍ରାୟ ହୋଇ । ନାଡ଼ି ବଢ଼ିଲା ଯୁଣ ଦୁଇ ॥ ୬୩ ॥
ଯେ ବ୍ରହ୍ମ ହୋଇ ଠୁଳାକାର । ପ୍ରକୃତି ପୁରୁଷ ବାହାର ॥ ୬୪ ॥
ସେ ପ୍ରକୃତିଟି ଅର୍ଦ୍ଧମାତ୍ରା । ହୋଇଛି ସେହିଟି ଭ୍ରୁଲତା ॥ ୬୫ ॥
ତହୁଁ ବାହାର ତିନିଜଣ । କାଳ କମଳ ନିରଞ୍ଜନ ॥ ୬୬ ॥
ଚାରି ବେଦହିଁ ସପ୍ତଦଳ । ଊର୍ମ ଧୂର୍ମ ଜ୍ୟୋତି ଉଜ୍ଜ୍ୱଳ ॥ ୬୭ ॥
ଏ ଚାରି ସଞ୍ଚରଣ ହେଲା । ମୂର୍ଦ୍ଧନୀ ଦଣ୍ଡ ଜନମିଲା ॥ ୬୮ ॥
ଓଁକାର ମତେ ଦେହମତ । ଚାରି ଯୋଜନ ଦଣ୍ଡଖ୍ୟାତ ॥ ୬୯ ॥
ସେଠାରୁ ଶିବଲୋକ କଲା । ଚନ୍ଦ୍ର ସୂର୍ଯ୍ୟଙ୍କୁ ଭିଆଇଲା ॥ ୭୦ ॥
କାମର ପାଶେ ତାକୁ ଦେଇ । ଛନ୍ଦିଲା ମାଳରେ ତା ନେଇ ॥ ୭୧ ॥
ସ୍ତମ୍ଭେ ବାନ୍ଧିଲା ଦୁଇ ଧରି । ଗଣ୍ଠି ପଡ଼ିଲା ବଜ୍ରପରି ॥ ୭୨ ॥
ଗଙ୍ଗା ଯମୁନା ସରସ୍ୱତୀ । ଆକାଶୁ ବହେ ଶୁଦ୍ଧ ଜ୍ୟୋତି ॥ ୭୩ ॥
ଘଟିକା ବ୍ରହ୍ମ ରନ୍ଧ୍ର ଘର । ହାବୋଡ଼ି ରହିଲା ସେଠାର ॥ ୭୪ ॥
ତହିଁ ଉପରେ ବେନିଛନ୍ଦ । ତାକୁ ବୋଲି ସିତୁଳୀ ବନ୍ଧ ॥ ୭୫ ॥
ଈଶ୍ୱର ରହିଲେ ସେଠାରେ । ପାର୍ବତୀ ଶଙ୍କର ଉପରେ ॥ ୭୬ ॥
ଷୋଳ କମଳ ଦଳ ଫୁଟି । ବସେ ଅକ୍ଷର ଷୋଳଗୋଟି ॥ ୭୭ ॥
ପୁଣି ସେ ମେରୁଦଣ୍ଡ ଖଣ୍ଡ । ବଢ଼ିଲା ଚାରିଯୂଣ ପିଣ୍ଡ ॥ ୭୮ ॥
ପ୍ରାଣ ଲିଙ୍ଗଙ୍କୁ ସ୍ଥାନେ ରଖି । ଲକ୍ଷ୍ମୀ ନାମେଣ ଶକ୍ତି ଲେଖି ॥ ୭୯ ॥
ଦ୍ୱାଦଶ ଦଳ ସେ କମଳ । ଫୁଟିଲା ହୋଇଣ ନିର୍ମଳ ॥ ୮୦ ॥
ବାର ଅକ୍ଷର ତହିଁ ବସେ । କୁଙ୍କୁମ କଳାରଙ୍ଗ ମିଶେ ॥ ୮୧ ॥
ମେରୁ ଦଣ୍ଡକୁ ପୁଣି ଗଢ଼ି । ଚାରି ଯୋଜନ ଉଚ୍ଚେ ଚଢ଼ି ॥ ୮୨ ॥
ତହିଁ ଦଶଦଳ କମଳ । ଫୁଟିଲା ହୋଇଣ ନିର୍ମଳ ॥ ୮୩ ॥
ଦଶ ଅକ୍ଷର ତହିଁ କଲା । ବ୍ରହ୍ମା ସାବିତ୍ରୀ ଯେ ଗଢ଼ିଲା ॥ ୮୪ ॥
ପୁଣି ଗଢ଼ିଲା ମେରୁଦଣ୍ଡ । ଯୋଜନ ବଢ଼େ ମେରୁ ପିଣ୍ଡ ॥ ୮୫ ॥
ଷଡ କମଳ କଲା ଜାତ । ଷଡ଼ ଅକ୍ଷର ତହିଁ ସ୍ଥିତ ॥ ୮୬ ॥
କାମ କର୍ମାଦି ତହିଁ ରହି । ସେ ପୁଣି ବ୍ରହ୍ମାଣ୍ଡ ସୃଜଇ ॥ ୮୭ ॥
ତହିଁ ବଢ଼ିଲା ମେରୁ ହାଡ଼ । ଯୁଣ କେ କଲା ମାପ ଗୋଡ଼ ॥ ୮୮ ॥
ଚାରି ପାଖୁଡ଼ା ଏକମେଳ । ଚାରି ଅକ୍ଷର ହୁଏ ଠୁଳ ॥ ୮୯ ॥
ତହିଁରେ ଗଣେଶ ସ୍ଥାପିଲା । ଶକ୍ତି ଚକ୍ରତୁଣ୍ଡ ରଚିଲା ॥ ୯୦ ॥
ଏକା ଦଣ୍ଡରେ ଫୁଟି ଫୁଲ । ବୋଲାଇ ଏ ପଞ୍ଚାଶ ଦଳ ॥ ୯୧ ॥
ମୂଳ କମଳ ମୂଳ ସଞ୍ଚି । ଆର କମଳେ ଯେ କାମାକ୍ଷୀ ॥ ୯୨ ॥
ମୃତ୍ୟୁ ସଞ୍ଚିତ କରେ ନେଇ । ଜଠରେ କ୍ଷୁଧା ତୃଷା ଲଇ ॥ ୯୩ ॥
ହୃଦରେ ନିଦ୍ରାରଟି ଘର । କଣ୍ଠରେ ସପତ ଭଣ୍ଡାର ॥ ୯୪ ॥
ମୁଖରେ ଶବଦର ସ୍ଥାନ । ନାସାରେ ଗନ୍ଧ ଆମୋଦନ ॥ ୯୫ ॥
ନୟନେ ରୁପ କଲା ଆଣି । ଶ୍ରବଣେ ଭଲ ମନ୍ଦ ଶୁଣି ॥ ୯୬ ॥

ଆକାଶ ଶିର କଣ୍ଠକାୟେ । ବାୟବ୍ୟ କଣ୍ଠ ସ୍ଥାନ ହୁଏ ॥ ୯୭ ॥
ସେ ନାଡ଼ ନାଭି ତେଜ ହୋଇ । ନାଭିରୁ ତେଜ ଉଭବଇ ॥ ୯୮ ॥
ଆଣ୍ଠୁରୁ ପାଦତଳ ଯାଏ । ପୃଥିବୀ ବୋଲି ଖ୍ୟାତ ହୁଏ ॥ ୯୯ ॥
ଶୁଣ ଉଦ୍ଧବ କାୟା କଥା । ଯାହା ରଚିଲା ଚଉମଥା ॥ ୧୦୦ ॥
ଏମନ୍ତେ ମାତା ଗର୍ଭବାଣୀ । ଉଦ୍ଧବ ବୋଲେ ତାହା ଶୁଣି ॥ ୧୦୧ ॥
ମନ ମୋ ତୃପତ ନୋହିଲା । ଯେତେକ ଶ୍ରୀମୁଖୁଁ ଶୁଣିଲା ॥ ୧୦୨ ॥
ପ୍ରଥମ ଦିନ କି କି ହେଲା । ଦ୍ୱିତୀୟ ଦିନ କି ସଞ୍ଚିଲା ॥ ୧୦୩ ॥
ଏହିରୂପେ ମାସକ ଯାଏ । କି କି ସଞ୍ଚିଲା ତାର କାୟେ ॥ ୧୦୪ ॥
ମାସକୁ ମାସ କଲା କି କି । ଏହା ଶୁଣିବି କହ ନିକି ॥ ୧୦୫ ॥
ତେଣୁ ପୁଚ୍ଛଇ ଭଗବାନ । କହିବା ହେଉ ଶାନ୍ତି ମନ ॥ ୧୦୬ ॥
ଶୁଣିଲେ ଥରେ ଗର୍ଭକଥା । ତରିବି ମୁହିଁ ପାପ ଚେତା ॥ ୧୦୭ ॥
ମୁଢ଼ ଅଧିକ ଦୀନମତି । ମୋହର କାହିଁ ଏଡ଼େ ଗତି ॥ ୧୦୮ ॥
କୃଷ୍ଣର ପାଦେ ଧ୍ୟାନ କଲି । ଜଗତେ ସାଧୁ ବୋଲାଇଲି ॥ ୧୦୯ ॥
ଏଣୁ ହୋଇଲି ତୁମ୍ଭ ଦାସ । ଜଗତେ ରଖ ମୋର ଯଶ ॥ ୧୧୦ ॥
ଯେଣୁ କରୁଣା କଲେ ହରି । ତ୍ରିଦଶ ସ୍କନ୍ଧ ତେଣୁ ସ୍ଫୁରି ॥ ୧୧୧ ॥
ସୁଜନ ଜନଙ୍କ ଚରଣେ । ଭଜଇ ମୁହିଁ ଅନୁକ୍ଷଣେ ॥ ୧୧୨ ॥
କହେ ଦ୍ୱାରକା ଜଗନ୍ନାଥ । ମୋ ଦୋଷ ନଧର ଅଚ୍ୟୁତ ॥ ୧୧୩ ॥
ଶ୍ରୀହରି ଜଗନ୍ନାଥ ଦାସ । ସୁଜନେ ଶୁଣ କୃଷ୍ଣ ରସ ॥ ୧୧୪ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣ ଉଦ୍ଧବ ସମ୍ବାଦେ
ମାତୃଗର୍ଭ ବିବରଣେ ନାମ ଅଷ୍ଟାମୋଦ୍ଧ୍ୟାୟଃ ॥

***

## ॥ ନବମ ଅଧ୍ୟାୟ ॥

### ଶ୍ରୀ ଭଗବାନୁବାଚ

ଉଦ୍ଧବ ଶୁଣ ଜ୍ଞାନ ମାର୍ଗ । ମାତା ଜଠରେ କାୟା ଯୋଗ ॥ ୦୧ ॥
ପ୍ରଥମେ ଆକାଶ ହୋଇଲା । ଆକାଶୁଁ ବାୟୁଜାତ ହେଲା ॥ ୦୨ ॥
ବିନ୍ଦୁତରଳ ଜଳମୟେ । ଆକାଶୁଁ ବାୟୁ ସର ବହେ ॥ ୦୩ ॥
ପ୍ରଥମ ଦିନର ଲହରୀ । ଦ୍ୱିତୀୟ ଦିନେ ଫେଣ କରି ॥ ୦୪ ॥
ତୃତୀୟ ଦିନେ ବିନ୍ଦୁ ବିନ୍ଦୁ । ପ୍ରକାଶ ହୋଇଲାକ ଇନ୍ଦୁ ॥ ୦୫ ॥
ଚତୁର୍ଥ ଦିନେ ଚତୁର୍ଭୁଜ । ପଞ୍ଚମ ଦିନେ ପଞ୍ଚତେଜ ॥ ୦୬ ॥
ଷଡ଼ ଦିନରେ ଷଡ଼ରତୁ । ସପତ ଦିନେ ସପ୍ତ ବପୁ ॥ ୦୭ ॥
ଅଷ୍ଟମ ଦିନେ ଅଷ୍ଟକଳା । ଅଷ୍ଟାଙ୍ଗ ଯୋଗ ବସାଇଲା ॥ ୦୮ ॥
ନବ ଦିନରେ ନୀଳବର୍ଣ୍ଣ । ନ ନାଡ଼ି କଲା ସଞ୍ଚରଣ ॥ ୦୯ ॥
ଦଶ ଦିନରେ ଦଶଦ୍ୱାର । ସଞ୍ଚିତ କଲା ଅଗୋଚର ॥ ୧୦ ॥
ଏଗାର ଦିନେ ବାଣ୍ଟ କଲା । ଏକାଦଶ ଇନ୍ଦ୍ରି ଖଞ୍ଜିଲା ॥ ୧୧ ॥
ବାର ଦିନରେ ବାଣ୍ଟିଆଣି । ବୁଦ୍ଧିକି କଲା କ ବରଣି ॥ ୧୨ ॥
ତେର ଦିନରେ ତିନିଗୁଣ । ତଳୁ ତଳିପା ଜନେ ସ୍ଥାନ ॥ ୧୩ ॥

ଚଉଦ ଦିନେ ଚାରିବେଦ । ଷଡ଼ଚକ୍ର ଆଦି ଶବଦ ॥ ୧୪ ॥
ପନ୍ଦର ଦିନେ ଗୋଳ ହୋଇ । ମାସକେ ରକ୍ତ ପାଲଟଇ ॥ ୧୫ ॥
ଦେଢ଼ ମାସରେ ସଞ୍ଜ୍ଞା ରହେ । ଦ୍ୱିତୀୟ ମାସେ ସଞ୍ଚେ କାୟେ ॥ ୧୬ ॥
ଅଢ଼ାଇ ମାସେ ମାଂସ ଚର୍ମ । ସୂଚିମୁନ ପ୍ରମାଣେ ଲୋମ ॥ ୧୭ ॥
ତିନି ମାସରେ କରେ ପାଦ । ନାସା କର୍ଣ୍ଣ ମୁଖ ସୁସ୍ୱାଦ ॥ ୧୮ ॥
ପୃଥ୍ୱୀ ଆପ ଅଗ୍ନି ପବନ । ଆକାଶ ବଳେ କାୟା ଜନ୍ମ ॥ ୧୯ ॥
ଚାରି ମାସରେ ଜୀବ ରହେ । ପଞ୍ଚ ଆତ୍ମାକୁ ସଙ୍ଗେ ଲୟେ ॥ ୨୦ ॥
ଅନାହତ କର୍ଣ୍ଣେ ଶୁଭଇ । କାୟା ପବିତ୍ର ତେଣେ ହୋଇ ॥ ୨୧ ॥
ଫିଟଇ ନିର୍ଭର କବାଟ । ଈଶ୍ୱର ଶିରେ ଯେଉଁ ବାଟ ॥ ୨୨ ॥
ପାଞ୍ଚ ମାସେ ଏତେକ ହୋଇ । ପରମ ଆତ୍ମା ତହୁଁ ରହି ॥ ୨୩ ॥
ନାସା ପବନେ ପରଘଟ । ଜଳ ପଶଇଁ ଘଟେ ଘଟ ॥ ୨୪ ॥
ମୁଳ ସନ୍ନିଧେ ପଶେ ଘଟେ । ଯନ୍ତ୍ରିତ ମୃତ୍ୟୁ ନଦୀ ତଟେ ॥ ୨୫ ॥
ଏ ସାତମାସେ ହୁଏ ଜାତ । ଶୁଣ ଉଦ୍ଧବ ଜ୍ଞାନତତ୍ତ୍ୱ ॥ ୨୬ ॥
ସର୍ବ ସଞ୍ଚିତ ଅଷ୍ଟମାସେ । ଷଡ଼ଗଣ୍ଠି ଖଞ୍ଜି ତେବେ ସେ ॥ ୨୭ ॥
ଅଙ୍ଗୁଷ୍ଠି ନଖ ଇନ୍ଦ୍ରିୟାଦି । ଅଷ୍ଟାଙ୍ଗେ ବସିଲା ସମ୍ପାଦି ॥ ୨୮ ॥
ନବ ମାସରେ ନବଖଣ୍ଡ । କରିଣ ସଞ୍ଚିଲା ବ୍ରହ୍ମାଣ୍ଡ ॥ ୨୯ ॥
ନ ନାଡ଼ି ହସ୍ତ ପାଦ ଛନ୍ଦି । ଶିର ସନ୍ନିଧେ ଶିର ବାନ୍ଧି ॥ ୩୦ ॥
ଚର୍ମ ମୁଣାରେ ରହିଥାଇ । ଚେତନା ଚିତ୍ତେ ପ୍ରବେଶଇ ॥ ୩୧ ॥
ହେଠ ବଦନେ ଦଶମାସେ । ଦଶଦ୍ୱାର ଫିଟେ ତେବେ ସେ ॥ ୩୨ ॥
ଫିଟେ ବନ୍ଧନ ନାଡ଼ ଛନ୍ଦି । ମୁଣା ଫିଟାଇ ମୁତ୍ର ଭେଦି ॥ ୩୩ ॥
ଅନାଦି ବ୍ରହ୍ମ ଆତ୍ମାଧ୍ୟାନ । ଭଜିଲା କୁଆଁ ଶବଦେଣ ॥ ୩୪ ॥
ଶୁଣ ଉଦ୍ଧବ ଏହିମତେ । କାୟା ଜନ୍ମିଲା ଅନ୍ତର୍ଗତେ ॥ ୩୫ ॥
କହିଲା ପରମ ଗୋପ୍ୟାନ । ଏହାକୁ ଦୃଢ଼ କରି ଘେନ ॥ ୩୬ ॥
ଏଣୁ ଏ କାୟା କର୍ମମୟ । ଅନାଦି ଅଚ୍ୟୁତ ଅବ୍ୟୟ ॥ ୩୭ ॥
ଶୁଣି ଉଦ୍ଧବ ହୁଏ ତୋଷ । ଦ୍ୱାରକା ଜଗନ୍ନାଥ ଦାସ ॥ ୩୮ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
କାୟା ସୃଜନେ ନାମ ନବମୋଦ୍ଧ୍ୟାୟଃ ॥

***

## ॥ ଦଶମ ଅଧ୍ୟାୟ ॥

### ଉଦ୍ଧବ ଉବାଚ

ଉଦ୍ଧବ କୃଷ୍ଣପାଦ ଧରି । ବୋଲନ୍ତି ପ୍ରେମେ ମୋଦ ଭରି ॥ ୦୧ ॥
ଏ କାୟା ଦଶ ଅବତାର । କେହ୍ନେ ହୋଇଲା ଚକ୍ରଧର ॥ ୦୨ ॥

### ଶ୍ରୀ ଭଗବାନୁବାଚ

କହନ୍ତି ପ୍ରଭୁ ଦାମୋଦର । ଶୁଣ ତୁ ଭକତ ମୋହର ॥ ୦୩ ॥
ପ୍ରଥମ ମାସେ ମୀନ ହୁଏ । ଦ୍ୱିତୀୟେ କଚ୍ଛପର କାୟେ ॥ ୦୪ ॥

ତୃତୀୟ ମାସେ କୋଳରୂପୀ । ଚତୁର୍ଥେ ନରସିଂହ ବ୍ୟାପି ॥ ୦୫ ॥
ପଞ୍ଚମ ମାସରେ ବାମନ । ଷଷ୍ଠରେ ହୁଏ ପର୍ଶୁରାମ ॥ ୦୬ ॥
ସପ୍ତମେ ରାମ ରୂପ ହୋଇ । ଅଷ୍ଟମେ ବଳଭଦ୍ର ଦେହୀ ॥ ୦୭ ॥
ନବମେ ଜଗନ୍ନାଥ ହୁଏ । ଦିଶିଲା ବୌଦ୍ଧରୂପ କାୟେ ॥ ୦୮ ॥
ଦଶମେ କଲକୀ ପ୍ରକାଶ । ପ୍ରମାଣ ହୋଇଲା ପୁରୁଷ ॥ ୦୯ ॥
ଏମନ୍ତ ରୂପେ କାୟା ହୋଇ । ଶୁଣ ଉଦ୍ଧବ ମନ ଦେଇ ॥ ୧୦ ॥
ଜାଗ୍ରତ ମନ୍ଦିରକୁ ଧାୟି । ବଞ୍ଚିଲା ଦଶରୂପ ହୋଇ ॥ ୧୧ ॥
ଏଣୁ ଏ ଆତ୍ମା ବ୍ରହ୍ମମୟ । ଅଦୃଶ୍ୟ ଭାବରେ ହୃଦୟ ॥ ୧୨ ॥
ଜୀବ ପରମ ରୂପ ଧରି । ଅନ୍ତର ବାହାରେ ବିହରି ॥ ୧୩ ॥
ସକଳ ସୁଖ ଭୋଗ କରେ । ଅନ୍ତେ ପଡ଼ଇ ନରକରେ ॥ ୧୪ ॥
ସକଳ କର୍ମରେ ଏ ସାର । ଏ କ୍ଷେତ୍ରେ ନ ବୁଝେ ପାମର ॥ ୧୫ ॥
ଭ୍ରମଇ ନାନା ସୁଖ କର୍ମେ । କେବେହେଁ ନ ରହଇ ଧର୍ମେ ॥ ୧୬ ॥

ଉଦ୍ଧବ ଉବାଚ

ଉଦ୍ଧବ କହେ ମନ ସୁଖେ । କାୟା ସଞ୍ଚିତ ବଡ଼ ଦୁଃଖେ ॥ ୧୭ ॥
ଏକଇ ବିନ୍ଦୁ ଏକ ଫୁଲ । କିମ୍ପାଇ ଧରେ ବେନି ଫଳ ॥ ୧୮ ॥
ଏହା କହିବ ଭାବଗ୍ରାହୀ । ଏଣୁ ସଂଶୟ ମନେ ରହି ॥ ୧୯ ॥
ଉଦ୍ଧବ ବାକ୍ୟେ ଯଦୁପତି । କହନ୍ତି ପ୍ରଭୁ ଫଳ ଶ୍ରୁତି ॥ ୨୦ ॥
ଗଗନୁ ଖସିବାର ବେଳେ । ଉତ୍ତର ଦକ୍ଷିଣର ମେଳେ ॥ ୨୧ ॥
ବାମ ଭାଗରେ ଯେବେ ଖସେ । ଚନ୍ଦ୍ରମା ଅଙ୍ଗ ସଙ୍ଗେ ମିଶେ ॥ ୨୨ ॥
ପୁରୁଷ ଚନ୍ଦ୍ର କୋଳୁ ଜାତ । ସ୍ତିରୀ ଯେ ବେନି ଭାଗ ମତ ॥ ୨୩ ॥
ମଧ୍ୟେ ତା ଥାଇ ନାଡ଼ ବାଡ଼ । କେଶର ମଧ୍ୟରେ ଉହାଡ଼ ॥ ୨୪ ॥
ବାଣ୍ଟି ପଡଇ ବେନିଠାଇଁ । ପୁରୁଷ ସ୍ତିରୀ ବେନି ହୋଇ ॥ ୨୫ ॥
ଦକ୍ଷିଣ ପିଙ୍ଗଳ ନାଡ଼ିରେ । ପଶଇ ବିନ୍ଦୁ ସୂର୍ଯ୍ୟ ପୁରେ ॥ ୨୬ ॥
ବାଣ୍ଟି ପଡ଼ିଲେ ବେନି ଜଡ଼ି । ଏ ରୂପେ କାୟା ବେନି ଗଢ଼ି ॥ ୨୭ ॥
ଚନ୍ଦ୍ର ସୂର୍ଯ୍ୟ ଏ ବେନି ମିଳେ । ମରୁତ ବହଇ ଯୁଗଳେ ॥ ୨୮ ॥
ତେବେ ଖସଇ ବିନ୍ଦୁରସ । ତେଣୁଟି ଏ ସ୍ତିରୀ ପୁରୁଷ ॥ ୨୯ ॥
ସଂଯୁକ୍ତେ ବିନ୍ଦୁ ଯେବେ ପଡ଼ି । ଏକାନ୍ତ ହୋଇ କାୟା ବଢ଼ି ॥ ୩୦ ॥
ସେ କାୟା ସୃଜନ ଅପାର । ତୋଳଇ ଗର୍ଭ ନିରାକାର ॥ ୩୧ ॥
ଗର୍ଭେ ସଞ୍ଚିତ ମାୟା ଘୋର । କୃମି ଜଡ଼ିତ କଳେବର ॥ ୩୨ ॥
ଦୁର୍ଗନ୍ଧ କୃମି ନାନା ନାଡ଼ି । ଅଶେଷ ରୋଗ ଯହିଁ ଜଡ଼ି ॥ ୩୩ ॥
ଅସ୍ଥି ପଞ୍ଜରା ବାମ ପାଶେ । ଛାଏଣି ନଖ ଲୋମ ଦେଶେ ॥ ୩୪ ॥
ଶିରାସଙ୍କୁଳ ଗଣ୍ଠି ଭଡ଼ି । ଚର୍ମ ରୁଧିର ମାଂସ ଜଡ଼ି ॥ ୩୫ ॥
ଇନ୍ଦ୍ରିୟମାନେ ରୁଅ ଶେଣୀ । ଷଡ଼ ଅଇରି ଆଦି ଘେନି ॥ ୩୬ ॥
ପାଞ୍ଚ ପଚିଶ ସ୍ତମ୍ଭ ବାଡ଼ । ପତର ସଙ୍ଗକୁ ଉହାଡ଼ ॥ ୩୭ ॥
ଅଣଚାଶ ବହେ ପ୍ରଖର । ନିତ୍ୟ ବହଇ ନବଦ୍ୱାର ॥ ୩୮ ॥
ଏ ଗୃହେ ବେନିଜନ ବସେ । ପ୍ରକୃତି ପୁରୁଷ ଏ ଅଂଶେ ॥ ୩୯ ॥
ପ୍ରକୃତି ଅଂଶେ ବେନି ଗୁଣ । ଜନ୍ମିଲେ ସତ୍ୱ ରଜ ତମ ॥ ୪୦ ॥

ତହୁଁ ଜନ୍ମିଲେ ଇନ୍ଦ୍ରିଗଣ । ପଚିଶ ପ୍ରକୃତି ଭିଆଣ ॥ ୪୧ ॥
ରଜର ରୋମ ଏ ଶରୀର । ଷଡ଼ ଅଇରି ପଞ୍ଚଧାର ॥ ୪୨ ॥
ଶତ୍ରୁ ମିତ୍ର ଯେ ଏକ ସ୍ଥାନ । ଜନ୍ମିଲେ ଘେନି ଗୁଣମାନ ॥ ୪୩ ॥
ପ୍ରକୃତି ମୁଳ ସବୁଙ୍କରି । ଉତ୍ପତ୍ତି ସ୍ଥିତି ଏ ସଂହାରି ॥ ୪୪ ॥
ପୁରୁଷ ଜଡ଼ ମତେ ଥାଇ । ନିଶ୍ଚଳ ବ୍ରହ୍ମ ସେ ବୋଲାଇ ॥ ୪୫ ॥
ପ୍ରକୃତି ଜନ୍ମଇ ପରମ । ଯିବାବେଳେ ତା ଜୀବ ନାମ ॥ ୪୬ ॥
ସ୍ତିରୀ ପୁରୁଷ ନାମ ଦୁଇ । ପରମ ନାମ ବ୍ରହ୍ମ ହୋଇ ॥ ୪୭ ॥
ସ୍ତିରୀରୁ ଉତ୍ପତ୍ତି ସଂସାର । ଯେ ଲୋଡେ ଅଛି ଅହଙ୍କାର ॥ ୪୮ ॥
ତମର ସ୍ଥାନ କର୍ଣ୍ଣ ଦୁଇ । ମୋହଟି ସୁଖ ଦୁଃଖ ହୋଇ ॥ ୪୯ ॥
ଏ ତିନିଗୁଣ ଆତ୍ମା ଭିନ୍ନ । ବସଇ ବଙ୍କୁନାଳ ସ୍ଥାନ ॥ ୫୦ ॥
ପୁରେକ ପ୍ରକୃତି ବୋଲାଇ । ପୁରେକ ପୁରୁଷ ଅଛଇ ॥ ୫୧ ॥
ତ୍ରାଟକ ଚକ୍ଷୁ ବେନି ସ୍ଥାନ । ଏତେକ ଏ ବେନି ଶ୍ରବଣ ॥ ୫୨ ॥
ସକଳ ଧାତୁ ଦେଖ ଏହି । କହିବା ଶୁଣ ମନ ଦେଇ ॥ ୫୩ ॥
ରୋମ ଚର୍ମ ମାଂସ ରକତ । ନାଡ଼ି ଅସ୍ଥିର ସେ ମିଶ୍ରିତ ॥ ୫୪ ॥
ସପତ ଧାତୁ ଏହିମତେ । ଦେଖ ପ୍ରକାଶ ଏ ଜଗତେ ॥ ୫୫ ॥
ଆଉ ଯେତେକ ମାୟାବଳ । ଦେହରେ ଆତ୍ମା ଏକମେଳ ॥ ୫୬ ॥
ଏଣୁ ତ ନ ବୁଝନ୍ତି କେହି । ମାୟାରେ ଲୋକ ଲୋଭୀ ହୋଇ ॥ ୫୭ ॥
ଲବଧ ଲୋଭ ବଶ ରସେ । ଭୁଞ୍ଜନ୍ତି ଫଳ ଦୁଃଖ ସୁଖେ ॥ ୫୮ ॥
କର୍ମ ସରିଲେ ଫଳ କ୍ଷୟେ । ପଡ଼ନ୍ତି ବିଷ୍ଣୁ ମାୟା ମୋହେ ॥ ୫୯ ॥
ଯେ ମାୟା ସ୍ୱୟଂ ଆପ ଦେହୀ । ତାଠାରୁ ଉବୁରିବ କାହିଁ ॥ ୬୦ ॥
ସ୍ତିରୀ ସ୍ୱରୂପେ ଜାତ ହୋଇ । ପ୍ରାଣୀଙ୍କୁ କଟାକ୍ଷେ ମୋହଇ ॥ ୬୧ ॥
ସ୍ତନ ଜଘନ ମାୟାରୂପୀ । ଅଶେଷ ଜନ ଛନ୍ତି ବ୍ୟାପି ॥ ୬୨ ॥
ପ୍ରାଣୀ ନ ଚେତେ ମାୟାମୋହେ । ଅମୃତ କରି ତାକୁ ଚାହେଁ ॥ ୬୩ ॥
ମଜ୍ଜଇ ମାୟା ସଙ୍ଗେ ମତ୍ତ । ଅନାଦର ପରମ ତତ୍ତ୍ୱ ॥ ୬୪ ॥
ଯେବା ଜନ୍ମଇ କାମ ଗୁଣେ । ମାୟାକୁ ସତ୍ୟ ବୋଲି ମଣେ ॥ ୬୫ ॥
ପ୍ରାଣୀଙ୍କୁ ମାୟା ନ ଛାଡ଼ଇ । ମନର ପ୍ରାୟେ ଲାଗିଥାଇ ॥ ୬୬ ॥
ଯେଣେ ହରଇ ବୁଦ୍ଧିମନ । ଆପେ ନ ଜାଣେ ତତ୍ତ୍ୱଜ୍ଞାନ ॥ ୬୭ ॥
ସେ ଯେ ହରଇ ମାୟା ମୋହ । ତୁଟଇ ନିର୍ଗୁଣରେ ସ୍ନେହ ॥ ୬୮ ॥
ଡରନ୍ତି ଦେଖିଣ ପ୍ରମାଦ । ସ୍ତୁତି କରନ୍ତି ଦେବବୃନ୍ଦ ॥ ୬୯ ॥
ଶୁଭ ଅଶୁଭ ଯାକୁ ସରି । ଜନ୍ତୁପତି ଭୟରୁ ତରି ॥ ୭୦ ॥
ଏଣୁ ଏ ଆତ୍ମା ଜ୍ଞାନସାର । ଉଦ୍ଧବ ଜାଣି ହେତୁ କର ॥ ୭୧ ॥
ତ୍ରିଗୁଣ ବନ୍ଧନରେ ପଡ଼ି । ଭବସାଗରେ ହେଲେ ବୁଡ଼ି ॥ ୭୨ ॥
ତେଣେ ନ ପାନ୍ତି ଥଳକୂଳ । ଭାସନ୍ତି ନିରାଶ୍ରୟ ଜଳ ॥ ୭୩ ॥
ପୁଣି ପଡ଼ଇ ପୁଣି ଉଠି । ତେଣୁ ଛାଡ଼ଇ ଆତ୍ମା ପିଠି ॥ ୭୪ ॥
ତ୍ରିଗୁଣ ରଜ୍ଜୁ ଦୃଢ଼ଫଳେ । ଫାଶ ଲାଗିଛି ଅନ୍ତରାଳେ ॥ ୭୫ ॥
କାମ କ୍ରୋଧାଦି ଦ୍ୟନ୍ତି ଯାକି । କଳ୍ପନାବେଗେ ନ୍ୟନ୍ତି ଝିଙ୍କି ॥ ୭୬ ॥
॥ ୭୭ ॥

| | | | | |
|---|---|---|---|---|
| ପ୍ରକୃତି ସୁଅରେ ଭାସଇ | । | କାଳ କୁମ୍ଭୀର ଗରାସଇ | ॥ ୭୮ | ॥ |
| ଷଡ଼ ଅଇରି ଏ ଲହରୀ | । | ମାରନ୍ତି ବେଳ ଜାଣି କରି | ॥ ୭୯ | ॥ |
| ଏଣୁ ହୁଅଇ ପ୍ରାଣନାଶ | । | ଅପରେ ନାହିଁ ସୁଖ ଲେଶ | ॥ ୮୦ | ॥ |
| ସତ୍ୟ ସଙ୍ଗକୁ ଅଭ୍ୟାସିଣ | । | ଯେ କରେ ସେହି ମହାଜନ | ॥ ୮୧ | ॥ |
| ଯେ ତତ୍ତ୍ୱ ବୁଝି ଆଚରନ୍ତି | । | ଭକ୍ତି ବଳରେ ସେ ମୋହନ୍ତି | ॥ ୮୨ | ॥ |
| ତେଣୁ ଜ୍ଞାନ ପ୍ରବେଶ ହୁଏ | । | ବ୍ରହ୍ମକୁ ଏହି ଦେହେ ପାଏ | ॥ ୮୩ | ॥ |
| ପରମ ବ୍ରହ୍ମନାବ ଥାଉଁ | । | ପ୍ରାଣୀ ନ ବସେ ଚାହୁଁ ଚାହୁଁ | ॥ ୮୪ | ॥ |
| ଏମନ୍ତ ନାବ ଥାଉଁ କୂଳେ | । | ଯେବା ନ ତରେ ଭବଜଳେ | ॥ ୮୫ | ॥ |
| ସେ ଲୋକ ପତିତ ପାମର | । | ମୋହ ଜଡ଼ିତ ନିରନ୍ତର | ॥ ୮୬ | ॥ |
| ଦିନେ ହେଁ ନ ବୋଲଇ ହରି | । | ସତ୍ସଙ୍ଗ ଦିନେ ନାହିଁ କରି | ॥ ୮୭ | ॥ |
| ଦିନେ ନ ଜାଣେ ଆତ୍ମଜ୍ଞାନ | । | ବିଷ୍ଣୁଙ୍କୁ ନ କରେ ଦର୍ଶନ | ॥ ୮୮ | ॥ |
| ସେ ଜୀବ ଆୟୁ ଥାଉଁ ମଲା | । | ଇହଲୋକରେ ନିନ୍ଦା ହେଲା | ॥ ୮୯ | ॥ |
| ମୁହୂର୍ତ୍ତେ ଯେବେ ନାମ ଗାଇ | । | ନିମିଷେ ସତ୍ସଙ୍ଗ କରଇ | ॥ ୯୦ | ॥ |
| ଦଣ୍ଡେ ଯେ କରେ ବିଷ୍ଣୁଧ୍ୟାନ | । | ନିମିଷେ କରେ ତତ୍ତ୍ୱଜ୍ଞାନ | ॥ ୯୧ | ॥ |
| ସେ ଲୋକ ଜୀବିତ ଅଟଇ | । | ତା ତହୁଁ ଭଲନୁହେଁ କେହି | ॥ ୯୨ | ॥ |
| ଏଥି ମୋ ଦେହେ ସର୍ବ ତୀର୍ଥ | । | ମୋ ନାମ ସର୍ବ କର୍ମ ବ୍ରତ | ॥ ୯୩ | ॥ |
| ମୋଠାରୁ ନାହିଁନା ଦେବତା | । | ମୁହିଁଟି ସର୍ବ ଲୋକ ପିତା | ॥ ୯୪ | ॥ |
| ମୁହିଁ ପବନ ଦିବାକର | । | ଅନଳ ଚନ୍ଦ୍ର ସୁନାସୀର | ॥ ୯୫ | ॥ |
| ମୁହିଁ ଧରିତ୍ରୀ ଜଳ ମୁହିଁ | । | ବୃକ୍ଷ ଗଜ ଅଶ୍ୱ ବୋଲାଇ | ॥ ୯୬ | ॥ |
| ସିଂହ ଶୃଗାଳ କୀଟ ଜନ୍ତୁ | । | ମୁହିଁ ନାରଦ ବ୍ରହ୍ମକେତୁ | ॥ ୯୭ | ॥ |
| ମୁହିଁ କୁବେର ଧନପତି | । | ମୁଁ ଦଶ ଅବତାର ମୂର୍ତ୍ତି | ॥ ୯୮ | ॥ |
| ମୁହିଁ ସକଳ ଯଜ୍ଞ କର୍ତ୍ତା | । | ମୁହିଁଟି କର୍ମ ବ୍ରହ୍ମବେତ୍ତା | ॥ ୯୯ | ॥ |
| ମୁଁ ସତ୍ତ୍ୱ ରଜ ତମ ତିନି | । | ମୁହଁଟି ଦେଖି ଚାରିଖାନି | ॥ ୧୦୦ | ॥ |
| କାହିଁ ମୁଁ ପିତା ହୋଇଥାଇ | । | କାହିଁ ମୁଁ ସ୍ତିରୀଲିଙ୍ଗ ହୋଇ | ॥ ୧୦୧ | ॥ |
| ପୁତ୍ର ଭାରିଯା ମୁହିଁ କାହିଁ | । | ମୋବିନୁ କେ ଅଛଇ ଚାହିଁ | ॥ ୧୦୨ | ॥ |
| ଶଳା ସମ୍ବନ୍ଧୀ ମୁହିଁ ଖ୍ୟାତ | । | ରାଜାର ମନ୍ତ୍ରୀ ମୁଁ ସାମନ୍ତ | ॥ ୧୦୩ | ॥ |
| ଝିଅର ଗୃହସ୍ଥ ବୋଲାଇ | । | ତେଣୁ ମୁଁ ପିତାଟି ଅଟଇ | ॥ ୧୦୪ | ॥ |
| ଏଣୁ ଅଖଣ୍ଡ ଏ ବିଭୂତି | । | ମୂର୍ଖେ ତା ଜାଣି ନ ପାରନ୍ତି | ॥ ୧୦୫ | ॥ |
| ମୁହିଁ ସକଳ ଭୂତେ ଥାଇ | । | ମୋ ବିନା ଅନ୍ୟ କେହି ନାହିଁ | ॥ ୧୦୬ | ॥ |
| କାଷ୍ଠ ପାଷାଣ ତରୁ ତୃଣେ | । | ବସଇ ଶରୀର ପ୍ରମାଣେ | ॥ ୧୦୭ | ॥ |
| ମୁଁ ଯହିଁ ନୋହିବି ପ୍ରବେଶ | । | ସେ ନୋହେ ସଂସାର ସରସ | ॥ ୧୦୮ | ॥ |
| ଏଣୁ ମୁଁ ଦେଖ ସର୍ବଭୂତେ | । | ଭିନ୍ନ ନ କର କଦାଚିତେ | ॥ ୧୦୯ | ॥ |
| ମୁଁ ବାଦ ବିବାଦ ଅଟଇ | । | ମୁଁ ଶାନ୍ତି ଅଶାନ୍ତି ବୋଲାଇ | ॥ ୧୧୦ | ॥ |
| ମୁହିଁ ମାରଇ ମୋର ଦେହେ | । | ମୁହିଁ ମାରଇ ମୋର ପୋଏ | ॥ ୧୧୧ | ॥ |
| ମୁଁ ପାପ ପୂଣ୍ୟ ମୁହିଁ ସାକ୍ଷୀ | । | ମୁଁ ହସେ ପରିହାସ ଦେଖି | ॥ ୧୧୨ | ॥ |
| ମତ୍ତ ଉନ୍ମତ୍ତ କାହିଁ ହୋଇ | । | କାମୀ ଅକାମୀ କାହିଁ ମୁହିଁ | ॥ ୧୧୩ | ॥ |
| ଅଳସ ବିଳାସ ମୁଁ ଜାଣେ | । | ମୁଁ ଅନ୍ଧ ଦେଖଇ ନୟନେ | ॥ ୧୧୪ | ॥ |

ମୁଁ ଶୋଭା ଅଶୋଭା ଅଟଇ । ମୁଁ ଫୁଲ ଅଫୁଲ ବୋଲାଇ ॥ ୧୧୫ ॥
ଗାୟତ୍ରୀ ପାତ୍ର ମୁଁ ବୋଲଇ । ବଳ ନିର୍ବଳ ମୁଁ ହୁଅଇ ॥ ୧୧୬ ॥
ଶିବ ଗାରେଡ଼ି ଚଣ୍ଡୀ ପୁଣି । ମୁଁ ସର୍ବଭୂତେ ଯେ ଡାହାଣୀ ॥ ୧୧୭ ॥
କାଳୀ ମୁଁ ମୋହ ମୁଖେ ଲାଖି । ମୁହିଁ ଝାଡ଼ଇ ମନ୍ତ୍ର ଯୋଖି ॥ ୧୧୮ ॥
ମୁଁ ସର୍ବଭାବେ ସାନ ବଡ଼ । ମୁଁ ଖ୍ୟାତବନ୍ତ ମୁହିଁ ରାଢ଼ ॥ ୧୧୯ ॥
ମୁହିଁ ସକଳଙ୍କ ଦେବତା । ମୁହିଁ ନାୟକ ବିଦ୍ୟାବେତ୍ତା ॥ ୧୨୦ ॥
ମୁହିଁ ମୋତେହେଁ କହେ ଜ୍ଞାନ । ମୁଁ ମୋହ ସୁଖେ ପ୍ରୟୋଜନ ॥ ୧୨୧ ॥
ମୁଁ ଶିଷ୍ୟ ଗୁରୁ ମୁହିଁ ହୋଇ । ମୋ କର୍ଣ୍ଣେ ମୁହିଁ ନାମଦେଇ ॥ ୧୨୨ ॥
ମୋତେ ଓଳଗେ ମୁହିଁ ଚାହିଁ । ଶ୍ରୀଗୁରୁ ଶିଷ୍ୟ ମୁଁ ବୋଲାଇ ॥ ୧୨୩ ॥
ମୁଁ ଦୋଷୀ ନିର୍ଦ୍ଦୋଷୀ ଅଦୃଷ୍ଟ । ମୁଁ ଭଲମନ୍ଦ ମୁଁ ପାପିଷ୍ଠ ॥ ୧୨୪ ॥
ଲତା ପୁଷ୍ପ ମୁଁ ଜୀବ ଜାତ । ଅନ୍ନ ବ୍ୟଞ୍ଜନ ପୟ ଘୃତ ॥ ୧୨୫ ॥
ମୁଁ ସର୍ବ ଭାବରେ ଘଟଣ । କାହିଁ ମୁଁ ଅଭକ୍ଷ ଭକ୍ଷଣ ॥ ୧୨୬ ॥
କାହିଁ ମୁଁ କର୍ମ କରେ ନିଷ୍ଠା । କାହିଁ ମୁଁ ଅକର୍ମ ଅନିଷ୍ଠା ॥ ୧୨୭ ॥
କାହିଁ ପାଷାଣ ପୂଜା ଦେଇ । କାହିଁ ମୁଁ ଦୁଃଖ ସହିଥାଇ ॥ ୧୨୮ ॥
ଏମନ୍ତ ମୋର ବହୁ ରୂପ । ଜଗତ ଦେଖ ମୋ ସ୍ୱରୂପ ॥ ୧୨୯ ॥
ମୋ ଭାବେ ସର୍ବେ କର ଦୟା । ଅନ୍ତରୁ ତେଜ ସର୍ବ ମାୟା ॥ ୧୩୦ ॥
ଏକ କରିଣ ତୋତେ ଚାହିଁ । ଏଥିରେ ସଂଶୟ ଯେ ନାହିଁ ॥ ୧୩୧ ॥
କହିଲୁ ଏକାକାର ଧର୍ମ । ସାଧିଲେ ପାଇବୁ ପରମ ॥ ୧୩୨ ॥
ଏ କର୍ମେ କିଛି ଲାଗିନାହିଁ । ବୁଝ ତୁ ଜ୍ଞାନ ଚକ୍ଷୁ ଫେଇ ॥ ୧୩୩ ॥
ଉଦ୍ଧବ ଦେଖ ମୋର ଖେଡ଼ । ମୋଠାରେ ନାହିଁ ସାନବଡ଼ ॥ ୧୩୪ ॥

## ଉଦ୍ଧବ ଉବାଚ

ଉଦ୍ଧବ ବୋଇଲେ ଗୋସାଇଁ । ଦେଖିଲେ ପ୍ରତେ ଯିବି ମୁହିଁ ॥ ୧୩୫ ॥
କି ଭାବେ ହୁଏ ଏକାକାର । ଦେଖିବି ମୋତେ ଦୟା କର ॥ ୧୩୬ ॥

## ଶ୍ରୀ ଭଗବାନୁବାଚ

ଉଦ୍ଧବ ଶୁଣ ମୁଁ କହଇ । ଶ୍ରୀ ବୃନ୍ଦାବନେ କରିଛଇଁ ॥ ୧୩୭ ॥
ଗୋପ ବାଳକ ଏକ କରି । ଭୁଞ୍ଜଇ ଘେନି ଅଧିକାରୀ ॥ ୧୩୮ ॥
ରାମ ଅବତାର ବାରତା । ବନେ ମୁଁ ହରାଇଲି ସୀତା ॥ ୧୩୯ ॥
ବାନର ବଳ ସୁଗ୍ରୀ ଆଣି । ସାଜିଲି ଲଙ୍କାକୁ ସଇନି ॥ ୧୪୦ ॥
ବାନର ଘେନି ଏକାକାର । ଫଳମୂଳ କରି ଆହାର ॥ ୧୪୧ ॥
ଶବରୀ ଉଚ୍ଛିଷ୍ଟ ଭୁଞ୍ଜିଲି । ବିଦୂର ଘରେ ଯେ ଖାଇଲି ॥ ୧୪୨ ॥
ଏଣୁ ମୁଁ ଅବିକାର ମୟ । ନୀଳକନ୍ଦରେ ମୋ ଉଦୟ ॥ ୧୪୩ ॥
ଜାତି ଅଜାତି ଏକାକାର । ବର୍ଣ୍ଣଭେଦ ନାହିଁ ବିଚାର ॥ ୧୪୪ ॥
ଏହା ସେ ଅନ୍ୟେ ନ ଜାଣନ୍ତି । ସନ୍ଥମାନେ ଏହା ଘେନନ୍ତି ॥ ୧୪୫ ॥
ମୋ ପ୍ରୀତି ଅର୍ଥେ କର୍ମ ଏହି । ଏ କର୍ମ କଲେ ମୋତେ ପାଇ ॥ ୧୪୬ ॥
ଆଉ ସଂସାରେ ଯେତେ କର୍ମ । ସେମାନ ଅଟେ ମନଭ୍ରମ ॥ ୧୪୭ ॥
ତୁହି ଯେ ଦ୍ୱାରକାରେ ଥିଲୁ । ବଦ୍ରିକା ମେଲାଣି ହୋଇଲୁ ॥ ୧୪୮ ॥

ପ୍ରଭାସ ତୀର୍ଥେ ଯାହା ହେଲା । ତା ତୋ ନୟନ ନ ଦେଖିଲା ॥ ୧୪୯ ॥
ତତ୍ତ୍ୱ ପାଇଲେ ସର୍ବେ ନାହିଁ । କାଦମ୍ବ ପାନେ ମତ୍ତ ହୋଇ ॥ ୧୫୦ ॥
ତାହା ଖାଇଲି ତାଙ୍କୁ ଘେନି । କେହିକାହାକୁ ଯେ ନ ଚିହ୍ନି ॥ ୧୫୧ ॥
ହୋଇଲେ ସମାପତ ଜାଣ । ମୁହିଁତ କଲଇଁ ପ୍ରମାଣ ॥ ୧୫୨ ॥
ଏଣୁ ସେ ଏକାକାର ସାର । ତୁମ୍ଭେ କାଦମ୍ବ ପାନ କର ॥ ୧୫୩ ॥
ଶୁଣି ଉଦ୍ଧବ ଯେ ଉଠିଲା । ଚରଣ ତଳରେ ପଡ଼ିଲା ॥ ୧୫୪ ॥
ପୁଣି ଉଠଇ ପୁଣି ପଡ଼େ । ଆନନ୍ଦ ଭାବେ ଭୂମି ଗଡ଼େ ॥ ୧୫୫ ॥
ପାଇଲି ଏତେଦିନେ ଦୀକ୍ଷା । ଫିଟିଲା ମନର ଆକାଂକ୍ଷା ॥ ୧୫୬ ॥
ଦ୍ୱାରକା ଜଗନ୍ନାଥ ଦାସ । ଗୁପତ ଜ୍ଞାନ ପରକାଶ ॥ ୧୫୭ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
ବିଭୂତି ଯୋଗ କଥନେ ନାମ ଦଶମୋଦ୍ଧ୍ୟାୟଃ ॥

***

## ॥ ଏକାଦଶ ଅଧ୍ୟାୟ ॥

### ଉଦ୍ଧବ ଉବାଚ

ଉଦ୍ଧବ ବୋଲେ ସାଧୁ ଧୀର । କହିବା ହେଉ ଦାମୋଦର ॥ ୦୧ ॥
ଯେ ପ୍ରାଣୀମାନେ ମୃତ ହ୍ୱନ୍ତି । କି ରୂପେ କାହିଁରେ ଗମନ୍ତି ॥ ୦୨ ॥
ଆତ୍ମର ଦେହ ସୁଖ ଘର । କେମନ୍ତେ ଛାଡି ହୁଏ ପର ॥ ୦୩ ॥
ଦେହର ଆତ୍ମା ଯେ ନୁହଇ । ଆତ୍ମା ଯେ ସ୍ନେହକରେ ଦେହୀ ॥ ୦୪ ॥
କି ରୂପେ ଛାଡ଼ଇ ଏହାକୁ । ପୁଣି ନ ଆସଇ ଗୃହକୁ ॥ ୦୫ ॥
ଏକଥା ମନକୁ ମୋ ଧନ୍ଦା । କେମନ୍ତେ ଛାଡ଼ିବଇଁ ଦ୍ୱିଧା ॥ ୦୬ ॥
ଉଦ୍ଧବ ପଚାରିଲୁ ଯେତେ । ଯମ ପୁରାଣେ କହେ ତୋତେ ॥ ୦୭ ॥
ପୂର୍ବେ ମୁଁ ସାଧୁଗଣ ମୁଖେ । ପ୍ରକାଶ କରିଅଛି ସୁଖେ ॥ ୦୮ ॥
ଯେ ପ୍ରାଣୀଗଣଙ୍କ ଆୟୁଷ । କାଳ ବିକାଳ ପରବେଶ ॥ ୦୯ ॥
ପ୍ରଥମେ ଲୌହର ପ୍ରତିମା । ଦେଖାନ୍ତେ ଅଗ୍ରତେ ଗଣିମା ॥ ୧୦ ॥
ଆତ୍ମାକୁ ଡାକନ୍ତି ଯେ ଆସ । ଏ ଘରେ ଆସି ବେଗେ ପଶ ॥ ୧୧ ॥
ଆତ୍ମା ବୋଲଇ ତାକୁ ମୁହିଁ । ମୋର ଅର୍ଜିଲା ଘର ଏହି ॥ ୧୨ ॥
ଏହାକୁ କେମନ୍ତେ ଛାଡ଼ିବି । ସେ ଘଟେ ମୁହିଁ ନ ପଶିବି ॥ ୧୩ ॥
ଶୁଣି କାଳ ବିକାଳ ଦୁଇ । ସେ ଘଟ ଥୁଅନ୍ତି ଲୁଚାଇ ॥ ୧୪ ॥
ପୁଣି ଦେଖାନ୍ତି କଂସା ଘଟ । ବୋଲଇ ଆସ ଛାଡ଼ି ମଠ ॥ ୧୫ ॥
ସେ ଘଟ ପୁରୁଣା ହୋଇଲା । ତୋତେ ସେ ଘଟ ନ ସାଜିଲା ॥ ୧୬ ॥
ଦେଖ ଏ ନବତନ ଘଟ । ପାରିଲେ ଆସି ଏଥି ଭେଟ ॥ ୧୭ ॥
ଉଜ୍ୱଳ ବହୁତ ଅଟଇ । ସେ ଘଟ ମଳିନ ଦିଶଇ ॥ ୧୮ ॥
ଆତ୍ମା ବୋଲଇ ତୁମେ ଶୁଣ । ଗର୍ଭୁ ତାହାର ମୋର ପ୍ରାଣ ॥ ୧୯ ॥
ସଙ୍ଗ ହୋଇଣ ଆସିଅଛି । କିପରି ତାକୁ ମୁଁ ଛାଡୁଛି ॥ ୨୦ ॥
ଏଣୁ ଏ ଘଟ ଦୂରେ ଥୋଇ । ପିତ୍ତଳ ଘଟେକ ଦେଖାଇ ॥ ୨୧ ॥
ବୋଲଇ ଆସ ତାକୁ ଛାଡ଼ି । ଏ ଦିବ୍ୟ ଘଟ ଅଛି ଗଢ଼ି ॥ ୨୨ ॥

ଦେଖ କେମନ୍ତେ ଶୋଭା ହୋଇ । ଆତ୍ମା ତହିଁକି ଗଲା ନାହିଁ ॥ ୨୩ ॥
ଶୁଣି ଦୂତେ ପାଇଲେ ଖଙ୍ଗ । ତମ୍ବା ପ୍ରତିମା କଲେ ଆଗ ॥ ୨୪ ॥
ବୋଇଲେ ଏଣିକି ତୁ ଚାହାଁ । ତୁ ଲୋଡୁଥିଲୁ ମନେ ଯାହା ॥ ୨୫ ॥
ତହୁଁ ଅଧିକ ଶୋଭା ଏହି । ଏଥିରେ ରହ ଆସି ତୁହି ॥ ୨୬ ॥
ଆତ୍ମାକୁ ବୋଲେ ଆସ ତୁହି । ଏଥୁଁ ତୋ ସୁଖ ତହିଁ ନାହିଁ ॥ ୨୭ ॥
ଏହାର ସଙ୍ଗେ ଏତେ ଦିନ । କାଳ ବଞ୍ଚିଲି ମୁଁ ଯନ୍ତ୍ରଣ ॥ ୨୮ ॥
ଖେଳିଣ ବୁଲୁ ଥିଲି ମୁହିଁ । ଦ୍ରବ୍ୟ ଭୁଞ୍ଜିଲି ଦେହ ବହି ॥ ୨୯ ॥
ଦେଖ ମୋହରି ସ୍ତିରୀଭୋଗ । ପୁତ୍ର ଭାରିଜା ନାନା ଯୋଗ ॥ ୩୦ ॥
ଏତେକ ଏହା ଘେନି ହେଲା । ମୋତେ ବହୁତ ସମ୍ଭାଳିଲା ॥ ୩୧ ॥
ମୁହିଁ କେମନ୍ତେ ଏଥୁ ଯିବି । ତୁମ୍ଭଙ୍କୁ ପ୍ରଣାମ କରିବି ॥ ୩୨ ॥
ଶୁଣି ଦୂତେ ପୁଣି ବିଚାରି । ରସ ପ୍ରତିମା ଆଗ କରି ॥ ୩୩ ॥
ବପୋଇଲେ ଶୁଣ ଆତ୍ମାରାମ । ଏ ଘଟ ଅତି ଅନୁପମ ॥ ୩୪ ॥
ଘଟ ପ୍ରତିମା ଲକ୍ଷ୍ୟ ନାହିଁ । ଏଥି ବିହର ଆସ ତୁହିଁ ॥ ୩୫ ॥
ପୁଇ ପଚରା କୃମି ଦେହ । ତହିଁକି କରୁ ଏତେ ସ୍ନେହ ॥ ୩୬ ॥
ଆମ୍ଭ ବଚନେ ଛାଡ଼ ତାହା । ସେ ଦେହୁ ଛାଡ଼ ଏ ସେନେହା ॥ ୩୭ ॥
ଆତ୍ମା ବୋଲଇ ମଞ୍ଜୁବାଣୀ । ଦୂତେ ବୋଲନ୍ତି ତାହା ଶୁଣି ॥ ୩୮ ॥
ରୂପାର ଘଟ ସ୍ଥାପି ପୁଣି । ବୋଲନ୍ତି ସୁକୋମଳ ବାଣୀ ॥ ୩୯ ॥
ବେଗେ ପଶ ତୁ ଏହି ଘଟ । ସେ ଘଟେ ପାଉଅଛୁ କଷ୍ଟ ॥ ୪୦ ॥
କେବେହେଁ ଦୁଃଖେ ତୁହି ପଡୁ । ଶୋକ ସନ୍ତାପେ କିମ୍ପା ବୁଡୁ ॥ ୪୧ ॥
କରିଛୁ ଯେତେକ ତୁ ସ୍ନେହ । ବିଅର୍ଥେ ପଡ଼ି ହେଉ କୋହ ॥ ୪୨ ॥
ତହୁଁ ତୁ କି ସୁଖ ଲଭୁଛୁ । ଆମ୍ଭ ବଚନ ନ କରୁଛୁ ॥ ୪୩ ॥
ଦେଖ ମୋହର ଘଟ ଶୋଭା । ଏ ଘଟ ସର୍ବକାଳେ ଯୁବା ॥ ୪୪ ॥
ଏଥି ପାଇବୁ ଯେତେ ସୁଖ । ମନୁଷ୍ୟ ଦେହେ ବଡ଼ ଦୁଃଖ ॥ ୪୫ ॥
ଆତ୍ମା ବୋଇଲ ଶୁଣ ଭାଇ । ତୁମ୍ଭେ କହିଲ ଯହିଁ ପାଇଁ ॥ ୪୬ ॥
ମୁହିଁ ଏହାକୁ ରସୁଥାଇ । ଆନନ୍ଦେ ମୁଖରେ ବୁଡ଼ଇ ॥ ୪୭ ॥
ଭୁଞ୍ଜାଇ ନାନା ଭୋଗମାନ । କରଇ ବ୍ରତ ତୀର୍ଥ ପୁଣ୍ୟ ॥ ୪୮ ॥
ବିଷ୍ଣୁ ଦର୍ଶନେ ମୁହିଁ ଯାଇ । ନିର୍ମାଲ୍ୟ ଭକ୍ଷଣ କରଇ ॥ ୪୯ ॥
ସାଧୁ ସଙ୍ଗତେ ହରି କଥା । ଶୁଣଇ ଘଟେ ଥାଇ ଯଥା ॥ ୫୦ ॥
ମିତ୍ର ପୀରତି ସୁଖ ଯେତେ । ଲୀଳା କରଇ ତା ସଙ୍ଗତେ ॥ ୫୧ ॥
ଏହା ଛାଡ଼ି ତ ନ ଯୋଗାଇ । ଜଞ୍ଜାଳ କର କାହିଁପାଇଁ ॥ ୫୨ ॥
ଦୂତେ ବୋଲନ୍ତି ପୁଣି ଆସ । କହିବା ଶୁଣ ଉପଦେଶ ॥ ୫୩ ॥
ସୁବର୍ଣ୍ଣ ଘଟ ନିକଟରେ । ଦେଖାନ୍ତି ଡାକନ୍ତି ମଧୁରେ ॥ ୫୪ ॥
ସକଳ ଦେହରେ ଏ ସାର । ଦିଶଇ ବିଜୁଳି ଆକାର ॥ ୫୫ ॥
ଏ ଘଟ ପ୍ରାୟେ ଘଟ ନାହିଁ । ଘଟ ଦେଖିଛୁ କେତେ ତୁହି ॥ ୫୬ ॥
ପୁରୁଣା ପକାଇଣ ଆସ । ଏ ନବତନ ଘଟେ ପଶ ॥ ୫୭ ॥
ଦେଖିଲା ଆତ୍ମା ଘଟ ଆସି । ଏ ଘଟ ଛାଡ଼ି ତହିଁ ପଶି ॥ ୫୮ ॥
ଏ ଦେହେ ପ୍ରୟୋଜନ କିସ । ଏଥି ପାଇବି ମୁହିଁ ଯଶ ॥ ୫୯ ॥

ଏମନ୍ତ ମନେ ବିଚାରିଲା । ଯିବି ବୋଲିଣ ସେ କହିଲା ॥ ୬୦ ॥
ଛାଡ଼ିଲା ଆଶା ସର୍ବ ଲୋଭ । ଯହୁଁ ପାଇଲା ଆନ ଭାବ ॥ ୬୧ ॥
ଦୂତକୁ ଆତ୍ମା ବୋଲୁଅଛି । ତୁମ୍ଭ ବଚନେ ମୁଁ ଯାଉଛି ॥ ୬୨ ॥
ଆଣ ସେ ଘଟ ଯିବି ମୁହିଁ । ଦୂତେ ଘଟ ଦେଲେ ଦେଖାଇ ॥ ୬୩ ॥
ଘଟକୁ ଛାଡ଼ି ଗଲା ତେଇଁ । କାଳ ଜଗିଲା ଦ୍ୱାରେ ଯାଇ ॥ ୬୪ ॥
ବିକାଳ ପ୍ରତିମା ଦେଖାଇ । ବୋଲଇ ଆସ ବେଗ ହୋଇ ॥ ୬୫ ॥
ଆତ୍ମା ଗୋଡ଼ାଏ ବେଗେ ତାକୁ । ବିକଳେ ଗମଇଁ ଦୂରକୁ ॥ ୬୬ ॥
ଏମନ୍ତ କେତେ ଦୂର ଗଲା । ଫୁଟିଣ ସ୍ଥଗିତ ହୋଇଲା ॥ ୬୭ ॥
ବୋଲଇ ମନେ ମନେ ଭାଳି । କିମ୍ପାଇଁ ସେ ଘଟ ଛାଡ଼ିଲି ॥ ୬୮ ॥
ପୁଣି ବାହୁଡ଼ିଣ ଅଇଲା । ସ୍ଥାନରେ ଘଟ ନ ଦେଖିଲା ॥ ୬୯ ॥
ଯେତେ ସ୍ଥାନକୁ ଯାଇଥାଇ । କେତେକ ଭ୍ରମେ ଘଟ ପାଇ ॥ ୭୦ ॥
କାହିଁ ନ ଦେଖିଣ ରୋଦନ । କରଇ ସେହୁ ଘନ ଘନ ॥ ୭୧ ॥
ମୁହିଁ ଛାଡ଼ିଲି ଦେହ ତୋତେ । ତୁ ଛାଡୁ ନଥିଲୁ ତ ମୋତେ ॥ ୭୨ ॥
ତୋହର ସଙ୍ଗେ ଯେବେ ଥିଲି । ଅନେକ ସୁଖ ଭୋଗ କଲି ॥ ୭୩ ॥
କେତେକ ଦିନ ଥିଲି ମୁହିଁ । ଆନନ୍ଦେ ଦିନ ବଞ୍ଚିଲଇଁ ॥ ୭୪ ॥
ପର ବୁଦ୍ଧିରେ ମୁଁ ପଡ଼ିଲି । ମିଛକୁ ଦେଖି ପ୍ରତେ ଗଲି ॥ ୭୫ ॥
ଏଣୁ ପରର ବୁଦ୍ଧି ବଳେ । ଗଲେ ବୁଡ଼ଇ ପ୍ରାଣୀ ହେଳେ ॥ ୭୬ ॥
ଜାଣୁ ଜାଣୁ ମୁଁ ଏହା କଲି । ଏଣୁ ମୁଁ କି କାର୍ଯ୍ୟ ଲଭିଲି ॥ ୭୭ ॥
ଛାଡ଼ିଲା ମୋର ସୁଖ ଘର । ମୁହିଁ ଯେ କଲି ଅବିଚାର ॥ ୭୮ ॥
ଏବେ ପାଇବି ତାହା କାହିଁ । ବହୁତ ଦୂର ଗଲି ବାହି ॥ ୭୯ ॥
ଭାଳି କାନ୍ଦଇ ପୁଣ ପୁଣ । ବୋଲନ୍ତି ଚାହିଁ ଦୂତଗଣ ॥ ୮୦ ॥
ଆଉ କି ପାଇବୁ ତୁ ତାହା । ତୋତେ ଲୋଡୁଛି ଜନ୍ତୁନାହା ॥ ୮୧ ॥
ଆତ୍ମାକୁ ଧରି ବେନିଜନ । ଯଶୋବନ୍ତ ପୁରେ ଗମନ ॥ ୮୨ ॥
ପ୍ରବେଶ ରାଜାର ଛାମୁରେ । କହନ୍ତି ଯେଉଁ କର୍ମତାରେ ॥ ୮୩ ॥
ସେଠାରେ ବିଚାର ସରଇ । ବୁଝି ଦଣ୍ଡନ୍ତି ଜନ୍ତୁସାଇଁ ॥ ୮୪ ॥
ଏମନ୍ତ ଆତ୍ମାର କାରଣ । କହିଲେ ଉଦ୍ଧବ ପାଶେଣ ॥ ୮୫ ॥
ଉଦ୍ଧବ ଏହି ଭାବେ ଜାଣ । ଏମନ୍ତେ ହୁଅଇ ମରଣ ॥ ୮୬ ॥
ଆତ୍ମାକୁ ଦେହରଟି ଆଶ । ଦେହର ଆତ୍ମାକୁ ମୁହାଁସ ॥ ୮୭ ॥
ଏଣୁ ଏ ଆତ୍ମା ଦେହେ ଜଡ଼ି । ଆତ୍ମାକୁ ତେଣୁ ଏ ନ ଛାଡ଼ି ॥ ୮୮ ॥
ଆତ୍ମା ସୁମରି ଦେହ କାନ୍ଦେ । ଦେହ ସୁମରି ଆତ୍ମା କାନ୍ଦେ ॥ ୮୯ ॥
କେହି କାହାରିକୁ ନ ଛାଡ଼େ । ଛାଡିଲେ ଆଉନାହିଁ ଯୋଡ଼େ ॥ ୯୦ ॥
ଦେବ ଯେ ସ୍ତିରୀ ଆତ୍ମା ଭର୍ତ୍ତା । ତେଣୁ ତାହାର ତାକୁ ଚିନ୍ତା ॥ ୯୧ ॥
ଦେହ ଗଲେ ଆତ୍ମା ନ ପାଇ । ଏ ଆତ୍ମା ଗଲେ ନ ଆସଇ ॥ ୯୨ ॥
ରହିଲା ବୋଲି ଇଚ୍ଛା କଲେ । ସେ ପ୍ରାଣୀ ନ ରହଇ ଭଲେ ॥ ୯୩ ॥
ଯେଣେ ପରମ ଆତ୍ମା ବାଞ୍ଛା । ଦେହରୁ ଯାଇ ଯେଣେ ଇଚ୍ଛା ॥ ୯୪ ॥
ଏଣୁ ଏ ଆତ୍ମା ଦେହ ବୁଦ୍ଧି । ଦେହ ଆତ୍ମାରେ ଛନ୍ଦାଛନ୍ଦି ॥ ୯୫ ॥
ଶୁଣ ଉଦ୍ଧବ ଦେହ ମାର୍ଗ । ଦେହକୁ ସରି ନୁହେଁ ସ୍ୱର୍ଗ ॥ ୯୬ ॥

କହିଲି ତୋତେ ମୁହିଁ ତାହା । ଆତ୍ମ ଜ୍ଞାନରେ ହୁଅ ସ୍ନେହା ॥ ୯୭ ॥
ଉଦ୍ଧବ ଶୁଣି ତୋଷ ଚିତ୍ତ । ବହୁତ କଲା ପ୍ରଣିପାତ ॥ ୯୮ ॥
ମୋର ଅଶେଷ ଜନ୍ମ ଦୁଃଖ । ହେଳେ ଖଣ୍ଡିଲେ ପଦ୍ମମୁଖ ॥ ୯୯ ॥
ଦ୍ୱାରକା ଜଗନ୍ନାଥ ଦାସ । ଯେତେ କହିଲେ କୃଷ୍ଣ ରସ ॥ ୧୦୦ ॥
ସକଳ ପାପ କ୍ଷୟ ହେଲା । ଉଦ୍ଧବେ ଶ୍ରୀକୃଷ୍ଣ କହିଲା ॥ ୧୦୧ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
ପ୍ରବେଶେ ନାମ ଏକାଦଶୋଦ୍ଧ୍ୟାୟଃ ॥

***

## ॥ ଦ୍ୱାଦଶ ଅଧ୍ୟାୟ ॥

### ଉଦ୍ଧବ ଉବାଚ

ଉଦ୍ଧବ କହେ ଜଗନ୍ନାଥ । ମୋତେ ଲାଗିଲା ଆଚମ୍ବିତ ॥ ୦୧ ॥
ଏ ଆତ୍ମା ନିରଞ୍ଜନମୟ । ତାହାର କାହିଁ ରିପୁଭୟ ॥ ୦୨ ॥
କେ ତାରେ ଧରି ନ ପାରଇ । କାହାର ବୋଲେ ସେହି ଯାଇ ॥ ୦୩ ॥
କେ ଦଣ୍ଡମଣ୍ଡ କରେ ଶକ୍ୟ । ଏହା କହିବ ପଦ୍ମମୁଖ ॥ ୦୪ ॥
କେ ତାକୁ ରକ୍ଷା ବା କରଇ । ତା ପାପ ପୁଣ୍ୟ କେ ବୁଝଇ ॥ ୦୫ ॥
ଏ ଦିବ୍ୟ ଆତ୍ମା ନିରାକାର । ଅଦେହ ଦେହକୁ ବାହାର ॥ ୦୬ ॥
ଆପଣା ସୁଖେ ଆସିଥାଇ । ଇଚ୍ଛା ହୋଇଲେ ଏଥୁ ଯାଇ ॥ ୦୭ ॥
ତୁମ୍ଭେ ବୋଇଲେ କର୍ମମତ । ଏଣୁ ମୋ ବୋଧ ନୁହେଁ ଚିତ୍ତ ॥ ୦୮ ॥
ଯେଣେ ମୋ ମନ ଥୟହୋଇ । ତାହା କହିବା ଭାବଗ୍ରାହୀ ॥ ୦୯ ॥

### ଶ୍ରୀ ଭଗବାନୁବାଚ

ଉଦ୍ଧବ ଭୟ ତୁ ନ କର । ଏମନ୍ତ ବେଦର ବିଚାର ॥ ୧୦ ॥
ଆତ୍ମ ଯେ କର୍ତ୍ତା ଶୁଦ୍ଧଶାଳୀ । ବୁଧେ ଜାଣନ୍ତି ବ୍ରହ୍ମ ବୋଲି ॥ ୧୧ ॥
ସଂସାର ଭୟ ଅର୍ଥ ପାଇ । କର୍ମ ସମ୍ପାଦିଲାକ ନେଇ ॥ ୧୨ ॥
ଏଣୁ ଏ ବେଦ କର୍ମ ଜାତ । ଏଣୁ ଏ ହୁଏ ଜନ୍ମ ମୃତ ॥ ୧୩ ॥
ତେଣୁ ଏହାକୁ ଦଣ୍ଡମଣ୍ଡ । କରନ୍ତି ମୁଢ଼େ କର୍ମକାଣ୍ଡ ॥ ୧୪ ॥
ପୁରାଣ ଅଷ୍ଟାଦଶ କହି । କର୍ମେ ପ୍ରବର୍ତ୍ତାଇଲେ ନେଇ ॥ ୧୫ ॥
ପ୍ରାଣୀ ମୋହିତ କର୍ମ ଯୋଗେ । ଘେନନ୍ତି ପୁରାଣକୁ ଆଗେ ॥ ୧୬ ॥
ଏଣୁ ସେ ଗୁଣ କର୍ମମୟ । ପ୍ରାଣୀଙ୍କୁ ଦେଖାନ୍ତି ସେ ଭୟ ॥ ୧୭ ॥
ଭୟ ହେତୁରୁ ଏତେ କର୍ମ । କର୍ମ ସାଧନ୍ତି ଛାଡ଼ି ଭ୍ରମ ॥ ୧୮ ॥
ଏ କର୍ମ ଯୋଗ ଅଛି ରହି । ଜ୍ଞାନ ଯୋଗରେ ତାକୁ କହି ॥ ୧୯ ॥
କର୍ମ ଦିଶଇ ଜ୍ଞାନ ମାର୍ଗେ । ସାଧେ ଅଷ୍ଟାଙ୍ଗ ଯୋଗୀଯୋଗେ ॥ ୨୦ ॥
ଏଣୁ ତୁ ବୁଝି ଦିଅ ମନ । ଯେବା ନିର୍ଗୁଣ ବ୍ରହ୍ମ ଜ୍ଞାନ ॥ ୨୧ ॥
ଦ୍ୱାରକା ଜଗନ୍ନାଥ ଦାସ । କୃଷ୍ଣ ଚରିତ ଭକ୍ତି ରସ ॥ ୨୨ ॥
ମୁହିଁ ପାମର ହୀନ ବାଇ । ଜ୍ଞାନ ଚେତନା ମୋର କାହିଁ ॥ ୨୩ ॥
ଏଡ଼େ ଅଜ୍ଞାନ ବୁଦ୍ଧି ବୋଲି । ମଣି ଲୋଡ଼ଇ ସିନ୍ଧୁ ବାଲି ॥ ୨୪ ॥
ଆଶା ଲୋଡ଼ଇ ମୁଁ କି କଳି । ପାଳ ଦଉଡ଼ି ମୁହିଁ ବଳି ॥ ୨୫ ॥

ବଡ଼ବା ଅନଳ ଭକ୍ଷଇ । କୀଟରେ ଗଣନା ନୁହଇ ॥ ୨୬ ॥
ଅଣ ସାଧୁରେ ମୁଁ ଜନମ । ଶ୍ରୀ ଜଗନ୍ନାଥ ପରସନ୍ନ ॥ ୨୭ ॥
ଯୁଗକୁ ଯୁଗ ଏହିମତେ । ମୁଁ ଥାଇ ତାଙ୍କ ପାଦାଗ୍ରତେ ॥ ୨୮ ॥

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂସଂହିତାୟାଂ
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ତତ୍ତ୍ୱକର୍ମକଥନେ ନାମ ଦ୍ୱାଦଶୋଦ୍ଧ୍ୟାୟଃ ।।

***

## ତ୍ରୟୋଦଶ ଅଧ୍ୟାୟ

### ଉଦ୍ଧବ ଉବାଚ

ଉଦ୍ଧବ କୃଷ୍ଣ ବାଣୀ ଶୁଣି । ବୋଲଇ ଶିରେ ଦେଇ ପାଣି
ଯେବେ କଳ୍ପନା ମୋର ଥିଲା । ତବ ଦର୍ଶନେ ସର୍ବ ଗଲା ॥ ୦୧ ॥
ହରି ବିଷୟରେ ତାପିତ । ଏ ଦେହେ ହୋଇଲା ସାକ୍ଷାତ ॥ ୦୨ ॥
ଜ୍ଞାନେ ହରିଲୁ ମୋର ମନ । ଯେତେ ବିକର୍ମ କର୍ମମାନ ॥ ୦୩ ॥
ଯେତେ ପବିତ୍ର ଶୁଦ୍ଧ ଭୂଇଁ । ଏଥି ସାଧିଲେ ସିଦ୍ଧି ହୋଇ ॥ ୦୪ ॥
ଏଥି ମୁଁ ସାଧିଲଇଁ ଜ୍ଞାନ । ନବ ସହସ୍ର ବିଦ୍ୟମାନ ॥ ୦୫ ॥
ଅନେକ ସାଧିଲି ମୁଁ କଷ୍ଟ । ତୁମ୍ଭ ବଚନ ଏଣୁ ଇଷ୍ଟ ॥ ୦୬ ॥
ମୁହିଁ ପାମର ନ ବୁଝିଲି । ବଦ୍ରିକା କି ଅର୍ଥେ ଆସିଲି ॥ ୦୭ ॥
ତୋର ଚରଣ ଯୁଗ ରାଶି । କୋଟି ବଦ୍ରିକା କୋଟି କାଶୀ ॥ ୦୮ ॥
ତୁମ୍ଭର ପାଦପଦ୍ମ ଦୁଇ । ବ୍ରହ୍ମା ଯେ ଧ୍ୟାନରେ ନ ପାଇ ॥ ୦୯ ॥
ଶଙ୍କର ପୂଜି ଯୋଗୀ ହେଲା । ଅହଲ୍ୟା ପାଷାଣୁ ତରିଲା ॥ ୧୦ ॥
ଗଜେନ୍ଦ୍ର ଧାଇଲା ଚରଣ । ରିପୁ ନିବାରି ମୋକ୍ଷ ପୁଣ ॥ ୧୧ ॥
ଯୁଧିଷ୍ଠି ପାଦ ଆଶ୍ରେ କଲେ । ସ୍ୱଦେହେ ସ୍ୱର୍ଗରେ ବସିଲେ ॥ ୧୨ ॥
କୁବୁଜା ଗଜ ମାଲକାଶୀ । କଂସ ଅଷ୍ଟମଲ୍ଲ ବିନାଶି ॥ ୧୩ ॥
ଏ ରିପୁଭାବେ ଗଲେ ମରି । ଭକ୍ତର ପ୍ରିୟବନ୍ଧୁ ହରି ॥ ୧୪ ॥
ହରିଣୀ ବନ ପୋଡ଼ାଠାରେ । ଧ୍ୟାୟି ତରିଲା ସହଜରେ ॥ ୧୫ ॥
ଦ୍ରୌପଦୀ ଆରତ ଭଞ୍ଜନ । ବିଦୂର ଭୀଷ୍ମ ଉଦ୍ଧାରଣ ॥ ୧୬ ॥
ଶବର ପକ୍ଷୀଚଟା ତାରି । ସୁଗ୍ରୀବ ହନୁକୁ ନିସ୍ତାରି ॥ ୧୭ ॥
ଯାହାର ପଦେ ଆଶ୍ରା କରି । ପାପୀ ଅଜାମିଳ ନିସ୍ତାରି ॥ ୧୮ ॥
ପିଙ୍ଗଳା ପୁରରବା ଦୁଇ । ଭୀଷ୍ମ ବ୍ରାହ୍ମଣ ଆଦି ହୋଇ ॥ ୧୯ ॥
ନାରଦ ପ୍ରହ୍ଲାଦ ଯେ ଧ୍ରୁବ । ନନ୍ଦ ଯଶୋଦା ବସୁଦେବ ॥ ୨୦ ॥
ଭାରତ ଯୁଦ୍ଧେ ଭରତିଆ । ଗୋପୀଜନ କାମିନୀ ପ୍ରିୟା ॥ ୨୧ ॥
ସ୍ତ୍ରୀ ଶୂଦ୍ର ଆଦି ଯେଉଁ ଜନେ । ଲଭିଲେ ତୁମ୍ଭ ଦରଶନେ ॥ ୨୨ ॥
ମୁଁ ତାହା ଚେତି ନ ପାରିଲି । ବଦ୍ରିକା ଧ୍ୟାନେ ମୁଁ ବସିଲି ॥ ୨୩ ॥
ଏଣୁ ମୋ ମନେ ଧ୍ୟାନ ଥିଲା । ତେଣୁ ଏତେକ ଦଣ୍ଡ ଦେଲା ॥ ୨୪ ॥
ଏବେ ଭେଟିଲି ମହାବାହୁ । ଏ ଭବୁ ତାରିବାକୁ ହେଉ ॥ ୨୫ ॥
ଏବେ ତ ନ ଛାଡ଼ିବି ମୁହିଁ । କେତେ ସହିବି ଦୁଃଖ କାହିଁ ॥ ୨୬ ॥
ଉଦ୍ଧବ ବାକ୍ୟେ ନାରାୟଣ । ଆନନ୍ଦ ପ୍ରଭୁ ଭଗବାନ ॥ ୨୭ ॥

ଧନ୍ୟ ଉଦ୍ଧବ ଭକ୍ତିପଣ । ବଶ ତୁ କଲୁ ମୋର ମନ ॥ ୨୮ ॥
ଭକତି ବଳେ ସାଧ କଲୁ । ଭାବରେ ମନକୁ ବାନ୍ଧିଲୁ ॥ ୨୯ ॥
ଏବେ ହୋଇଲୁ ପରସନ୍ନ । ନେବଇଁ ବୈକୁଣ୍ଠ ଭୁବନ ॥ ୩୦ ॥
ଖଗ ଆସନେ ବିଜେ କରି । ଉଦ୍ଧବ ବେନି କର ଧରି ॥ ୩୧ ॥
ଗରୁଡ଼ ପିଠିରେ ବସାଇ । ମଙ୍ଗଳ ଶଙ୍ଖନାଦ ଦେଇ ॥ ୩୨ ॥
ବ୍ରହ୍ମାଦି ଦେବଗଣ ଯେତେ । କୃଷ୍ଣ ଅଗ୍ରେ ମିଳିଲେ ପଥେ ॥ ୩୩ ॥
ଆନନ୍ଦେ କରି ଜୟ ଜୟ । ଶିରେ କର ଦେଇ ସଦୟ ॥ ୩୪ ॥
ଶୂନ୍ୟମଣ୍ଡଳେ ଯାନ୍ତେ ତରି । ରବିମଣ୍ଡଳେ ବିଜେ କରି ॥ ୩୫ ॥
ବ୍ରହ୍ମମଣ୍ଡଳେ ଗଲେ ଚଳି । ରବିମଣ୍ଡଳେ ଯାଇ ମିଳି ॥ ୩୬ ॥
ଚନ୍ଦ୍ର ମଣ୍ଡଳେ ପୁଣି ପଶି । ଧ୍ରୁବ ମଣ୍ଡଳେ ପରବେଶି ॥ ୩୭ ॥
ଶିବମଣ୍ଡଳେ ବେଗେ ଗଲେ । ବୈକୁଣ୍ଠ ଭୁବନେ ମିଳିଲେ ॥ ୩୮ ॥
ଜଳ ଅତଳ ଅନ୍ଧକାର । ଜିଣିଲେ ପ୍ରଭୁ ଚକ୍ରଧର ॥ ୩୯ ॥
ନିଜ ଭୁବନେ ପରବେଶ । ଭକ୍ତିକୁ ଦେଖାଇ ଅଶେଷ ॥ ୪୦ ॥
ପ୍ରଭୁ ବିଜୟ ସିଂହାସନ । ଉଦ୍ଧବ କଲା ଦରଶନ ॥ ୪୧ ॥
ଦର୍ଶନ କରିଣ ଉଦ୍ଧବ । ବୈକୁଣ୍ଠେ କଲା ନିଜ ଠାବ ॥ ୪୨ ॥
ଏମନ୍ତ ଶ୍ରୀକୃଷ୍ଣ ମହିମା । ଅନ୍ତ ନ ପାଇଲାକ ବ୍ରହ୍ମା ॥ ୪୩ ॥
ମୋ ଛାର ଏଡ଼େ ଶକ୍ୟ ନାହିଁ । କୃଷ୍ଣ ମହିମା କହିବଇଁ ॥ ୪୪ ॥
କେବଳ ଆଶ୍ରୟ ମୁଁ କଲି । ଏ ଦେହ କୃଷ୍ଣେ ସମର୍ପିଲି ॥ ୪୫ ॥
ଦର୍ଶନେ କୃଷ୍ଣଙ୍କୁ ଦେଖଇ । କୃଷ୍ଣ ବୋଲିଣ ମୁଁ ଜପଇ ॥ ୪୬ ॥
କୃଷ୍ଣ ଭଜଇ ଅବିରତେ । କୃଷ୍ଣ ଯେ ଥାଇ ଅନ୍ତର୍ଗତେ ॥ ୪୭ ॥
କୃଷ୍ଣ ଚରଣ ପରସାଦେ । ଅନ୍ୟ ମୁଁ ନ ଜାଣଇ ହୃଦେ ॥ ୪୮ ॥
ମୁଁ ଅବା କେତେକ ମାତର । ଅଟଇ କୀଟରୁ ଅନ୍ତର ॥ ୪୯ ॥
ହରି ସୁଦୟା ମୋତେ କଲେ । ଏଣୁ ନିସ୍ତାର ହେବି ହେଳେ ॥ ୫୦ ॥
ସୁଜନ ଜନଙ୍କ ଚରଣ । ସର୍ବଦା ପଶଇ ଶରଣ ॥ ୫୧ ॥
ଭଲମନ୍ଦ ଯେ ନ କହିବ । ମୋ ଦୋଷ ସକଳ କ୍ଷମିବ ॥ ୫୨ ॥
ଦ୍ୱାରକା ଜଗନ୍ନାଥ ଦାସ । କୃଷ୍ଣ ଚରଣ ସୁଧାରସ ॥ ୫୩ ॥

ଇତି ଶ୍ରୀମଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ॥ ୫୪ ॥
ବୈୟାସିକ୍ୟାଂ ତ୍ରୟୋଦଶସ୍କନ୍ଧେ ଶ୍ରୀକୃଷ୍ଣଉଦ୍ଧବ ସମ୍ବାଦେ
ବୈକୁଣ୍ଠ ଗମନେ ନାମ ତ୍ରୟଦଶୋଦ୍ଧ୍ୟାୟଃ ।।

***

।। ଇତିଶ୍ରୀ ତ୍ରୟୋଦଶସ୍କନ୍ଧ ସମାପ୍ତ ।।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧ ମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ ।।

***